

ଟିପ୍ପଣୀ

# ଏକକ ୧୩: କର୍ମ ଶିକ୍ଷାର କାର୍ଯ୍ୟାନ୍ୱୟନ (ତତ୍ତ୍ୱମୂଳକ ଓ ବ୍ୟାବହାରିକ ଦିଗ)

**ସଂରଚନା**


୧୩.୦ ଉପକ୍ରମ

୧୩.୧ ଶିକ୍ଷଣ ଉଦ୍ଦେଶ୍ୟ

୧୩.୨. କର୍ମ ଶିକ୍ଷାର ପାଠ୍ୟ ଖସଡ଼ା

୧୩.୩. ଛାତ୍ରଛାତ୍ରୀଙ୍କ ବର୍ଗୀକରଣ

୧୩.୪. ବିଭିନ୍ନ ଶ୍ରେଣୀ ପାଇଁ କର୍ମ ଶିକ୍ଷା ଅଧିବେଶନର ଯୋଜନା

୧୩.୫. ପ୍ରାଥମିକ ଶ୍ରେଣୀର କର୍ମ ସାମଗ୍ରୀ ସମ୍ବନ୍ଧିତ କର୍ମ ଶିକ୍ଷା ଚୟନ ଓ ସଂଯୋଜନା

୧୩.୬. ସାମଗ୍ରୀ ଓ ଉପକରଣର ମହଜୁଦୀକରଣ ଓ ପରିଚାଳନା

୧୩.୭. ଅଭିଜ୍ଞତା ପ୍ରଦାନ ଓ ପାଠ୍ୟକ୍ରମର ବିଭିନ୍ନ ବିଷୟ ସମନ୍ୱୟନର ପଦ୍ଧତି

୧୩.୮. କର୍ମ ଶିକ୍ଷା ସମ୍ବନ୍ଧିତ ଶିକ୍ଷାଦାନ ଶିକ୍ଷଣ କ୍ରିୟାକଳାପ ପଦ୍ଧତି

୧୩.୯. ସାରାଂଶ

୧୩.୧୦. ଅତିରିକ୍ତ ଅଧ୍ୟୟନପାଇଁ ପୁସ୍ତକ ସୂଚୀ

୧୩.୧୧. ପାଠାନ୍ତ ପ୍ରଶ୍ନାବଳୀ


## ୧୩.୦ ଉପକ୍ରମ

ତୁମେ ପୂର୍ବ ଏକକ ଜରିଆରେ କର୍ମ ଶିକ୍ଷାର ଅବଧାରଣା ଓ ସ୍ୱରୂପ ବିଷୟରେ ଜାଣିପାରିଛ । ତୁମେ ଜାଣିଛ ଯେ କର୍ମ ଅର୍ଥ ଶ୍ରମଯୁକ୍ତ ଯେକୌଣସି କ୍ରିୟାକଳାପ । ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷା ଆରମ୍ଭ ହେବା ପୂର୍ବରୁ ଶିକ୍ଷାରେ ଶାରୀରିକ ଶ୍ରମର ମହତ୍ୱପୂର୍ଣ୍ଣ ଭୂମିକା ଥିଲା । ପ୍ରାଚୀନ ଭାରତରେ ଯେତେବେଳେ ଶିଷ୍ୟମାନେ ସେମାନଙ୍କ ଗୁରୁମାନଙ୍କ ସହ ବସବାସ କରୁଥିଲେ ସେତେବେଳେ ସେମାନେ ଶିକ୍ଷାଗ୍ରହଣ ଓ ଜୀବନ ଜୀଇଁବା ପାଇଁ ଶ୍ରମଯୁକ୍ତ ସମସ୍ତ କ୍ରିୟାକଳାପ ସମ୍ପାଦନ କରୁଥିଲେ । କର୍ମ ଓ ଶିକ୍ଷା ମଧ୍ୟରେ କୌଣସି ପ୍ରକାର ପରସ୍ପର ବିରୋଧୀ ଭାବ ନଥିଲା । ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷାର ଆରମ୍ଭ କର୍ମ ଆଧାରିତ ଶିକ୍ଷାକୁ ପୁସ୍ତକଗତ ଜ୍ଞାନ ଆଡକୁ ନେଇଯାଇଥିଲା । ୧୮୫୪ରେ ଉଡ୍‌ସ ଡିସ୍‌ପାଚ୍ ଶିକ୍ଷାରେ ଏହାର ଅନୁପସ୍ଥିତି (ଅଭାବ) କୁ ଚିହ୍ନଟ କରିଥିଲା । ୧୯୩୭ରେ ଉଡ୍ ଏବଂ ଡାବୋଟ୍ ବ୍ୟକ୍ତିତ୍ୱର ସନ୍ତୁଳିତ ବିକାଶ ପାଇଁ ଶାରୀରିକ ଶ୍ରମ ଆଧାରିତ କ୍ରିୟାକଳାପ ପ୍ରତି ଗୁରୁତ୍ୱାରୋପ କରିଥିଲେ ।

ତୁମେ ଏହି ସବୁର ବାସ୍ତବତା ବିଷୟରେ ପୂର୍ବ ଏକକରୁ ଜାଣିଛ । ତୁମେ ମଧ୍ୟ କର୍ମ ଶିକ୍ଷାର ମହତ୍ୱ ବିଷୟରେ ଜାଣିଛ । ଆମେ କର୍ମ ଶିକ୍ଷାର ପଦ୍ଧତି ଗତ ଜ୍ଞାନ ବିଷୟରେ ଏହି ଏକକରେ ଜାଣିବା । କର୍ମ ଶିକ୍ଷାର ପାଠ୍ୟ ଖସଡ଼ା କ'ଣ ହେବ, ପାଠ୍ୟଖସଡ଼ା ଚାଲୁ ନିମନ୍ତେ କେଉଁ ପଦ୍ଧତିକୁ ବ୍ୟବହାର କରାଯିବ, କ୍ରିୟାକଳାପ ନିମନ୍ତେ କିପରି ଭାବରେ ଛାତ୍ରଛାତ୍ରୀଙ୍କ ସମୂହ ଗଠନ ହେବ ଏହି ସମସ୍ତ ପ୍ରସଙ୍ଗ ଏହି ଏକକରେ ସ୍ପଷ୍ଟ କରାଯିବ ।

ଟିପ୍ପଣୀ

## ୧୩.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ନିମ୍ନଲିଖିତ ଉଦ୍ଦେଶ୍ୟ ସମୂହ ଅଛି ।

୧- କର୍ମ ଶିକ୍ଷା ପାଠ୍ୟଖସଡ଼ା ଏବଂ ଅନ୍ୟ ବିଷୟ ସହ ଏହାକୁ କିପରି ସମ୍ପର୍କିତ କରାଯାଇ ପାରିବ ବୁଝିବା

୨- କର୍ମ ଶିକ୍ଷା ପାଇଁ ବିଦ୍ୟାଳୟ/ଅନୁଷ୍ଠାନ ଆବଶ୍ୟକ କରୁଥିବା ସାମଗ୍ରୀ ଓ ଉପକରଣର ଗୁରୁତ୍ୱରସହ ପରିଚିତ ହେବା

୩- କର୍ମ ଶିକ୍ଷା ଅଭ୍ୟାସ କରିବା ପାଇଁ ଛାତ୍ରଛାତ୍ରୀଙ୍କ ସମୂହ ଗଠନ ପ୍ରକ୍ରିୟାର ଉପକ୍ରମ

୪- ଭିନ୍ନ ଭିନ୍ନ କ୍ଷେତ୍ର ସମ୍ବନ୍ଧିତ ଦକ୍ଷତା/କ୍ଷମତା/କ୍ରିୟାକଳାପ ଚୟନ ବିକଶିତ କରିବା

୫- କର୍ମ ଶିକ୍ଷାରେ ପ୍ରସ୍ତୁତ ସାମଗ୍ରୀର ରକ୍ଷଣାବେକ୍ଷଣ ଓ ମହଜୁଦୀକରଣର ପଦ୍ଧତି ଓ ଆବଶ୍ୟକତା ବୁଝିବା ଶକ୍ତିର ବିକାଶ କରିବା

୬- ଅନ୍ୟ ବିଷୟ ସହ ସମନ୍ୱୟ ପାଇଁ ବୁଝିବାଶକ୍ତିର ବିକାଶ କରିବା ଓ ଦକ୍ଷତା ହାସଲ କରିବା ।

## ୧୩.୨. କର୍ମ ଶିକ୍ଷାର ପାଠ୍ୟ ଖସଡ଼ା

ଜାତୀୟ ଶିକ୍ଷାନୀତି ୧୯୮୬ ସାମାଜିକ ଦୃଷ୍ଟିରୁ ଆବଶ୍ୟକ ଫଳପ୍ରଦ କାର୍ଯ୍ୟ (ଏସ୍‌ୟୁପିଡବ୍ଲ୍ୟୁ) ଅବଧାରଣାକୁ ଏକ ଉଦ୍ଦେଶ୍ୟମୂଳକ, ଅର୍ଥପୂର୍ଣ୍ଣ ଶାରୀରିକ କାର୍ଯ୍ୟଭାବେ ଗ୍ରହଣ କରିଛି । ଶିକ୍ଷାର ସମସ୍ତ ସ୍ତରରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ କାରକ ଭାବରେ ବିବେଚନା କରିବା ପାଇଁ ମଧ୍ୟ ସୁପାରିଶ କରାଯାଇଛି; ଯାହା ସୁସଂଗଠିତ ଓ ବ୍ୟବସ୍ଥିତ କାର୍ଯ୍ୟକ୍ରମ ଭାବରେ ପ୍ରଦାନ କରାଯିବା ଆବଶ୍ୟକ । ମୁଖ୍ୟତଃ ୬ଟି କ୍ଷେତ୍ର ସଂକ୍ରାନ୍ତରେ ସୁପାରିଶ କରାଯାଇଛି ଯେଉଁଥିରୁ ଫଳପ୍ରଦ ଶାରୀରିକ ଶ୍ରମ ଆପଣାଯାଇପାରେ । ସେଗୁଡ଼ିକ ହେଲା- ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଜ୍ଞାନ, ଖାଦ୍ୟ ଓ ପୋଷଣ, ବାସଗୃହ, ପୋଷାକ, ସାଂସ୍କୃତିକ ଓ ମନୋରଞ୍ଜନ ଏବଂ ଗୋଷ୍ଠୀ କାର୍ଯ୍ୟ ଓ ସାମାଜିକ ସେବା ।

କର୍ମ ଶିକ୍ଷାର ପାଠ୍ୟ ଖସଡ଼ା ବିଷୟରେ ବିଚାର କରିବା ପୂର୍ବରୁ କର୍ମ ଶିକ୍ଷାର ଉଦ୍ଦେଶ୍ୟଗୁଡ଼ିକୁ ପର୍ଯ୍ୟବେକ୍ଷଣ କରାଯିବା ଉଚିତ । ଏହା ସୁସ୍ପଷ୍ଟ ଯେ କର୍ମ ଶିକ୍ଷା ଜରିଆରେ ପିଲାଙ୍କଠାରେ ଅତ୍ୟାବଶ୍ୟକ ଜୀବନ କୌଶଳ ବିକଶିତ ହୋଇଥାଏ । ତେଣୁ, କର୍ମ ଶିକ୍ଷା ପାଠ୍ୟ ଖସଡ଼ାର ଆଧାର ଦୈନନ୍ଦିନ ଜୀବନକୁ ନେଇ ହୋଇଥାଏ ବା ହେବା ଉଚିତ । ଏହି ବିଷୟ ଜରିଆରେ କରାଯାଉଥିବା କ୍ରିୟାକଳାପ ମୁଖ୍ୟତଃ ଏହି ୬ଟି କ୍ଷେତ୍ରରୁ ଚୟନ କରାଯାଇଥାଏ ।

ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଜ୍ଞାନ, ଖାଦ୍ୟ ଓ ପୋଷଣ, ବାସଗୃହ, ପୋଷାକ, ସଂସ୍କୃତି ଓ ମନୋରଞ୍ଜନ, ଗୋଷ୍ଠୀ କାର୍ଯ୍ୟ ଓ ସାମାଜିକ ସେବା-ଏହି ସମସ୍ତ କ୍ଷେତ୍ର ଜଣେ ବ୍ୟକ୍ତିର ଜୀବନ ପାଇଁ ଅତ୍ୟାବଶ୍ୟକ କାରକ ଅଟନ୍ତି । ତେଣୁ କର୍ମ ଶିକ୍ଷାର ପାଠ୍ୟ ଖସଡ଼ା ଏହି ୬ଟି କ୍ଷେତ୍ରରୁ ପୃଥକ୍ ହୋଇପାରିବ ନାହିଁ । କର୍ମ ଶିକ୍ଷାର ପାଠ୍ୟ ଖସଡ଼ା ଆମ ଚତୁର୍ପାର୍ଶ୍ୱ ସମ୍ପର୍କିତ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ ।

ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରର ପାଠ୍ୟ ଖସଡ଼ାର ତିନିଟି ପ୍ରମୁଖ କାରକ ରହିଛି-ପରିବେଶ ଶିକ୍ଷା ଏବଂ ଏହାର ବ୍ୟବହାର, ପଦ୍ଧତି ସହ ସାମଗ୍ରୀ, ଉପକରଣର ପରୀକ୍ଷଣ ଏବଂ ତୃତୀୟଟି ହେଲା ଅଭ୍ୟାସ । ଏହି ସମସ୍ତ ତିନିଟି କାରକ ପିଲା ଓ ତାଙ୍କ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ କରାଯାଉଥିବା କ୍ରିୟାରୁ ଚୟନ କରାଯିବ । ଆଖପାଖରେ ସମ୍ପାଦିତ ଫଳପ୍ରଦ କାର୍ଯ୍ୟ ଓ ସେବା ନିମନ୍ତେ କର୍ମ ଅଭିଜ୍ଞତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେବଳ ଥରେ ଏହାକୁ ସମ୍ପାଦନ କରିଦେଲେ ପିଲାମାନେ ଯେ ସମସ୍ତ ବୁଝିଯିବେ ଏବଂ ପାରଦର୍ଶିତା ହାସଲ କରିବେ ତାହା ଭାବିବା ଭୁଲ୍ ।

କ୍ରିୟାକଳାପ ଓ କର୍ମ ଅଭିଜ୍ଞତାର ବାସ୍ତବ ଚୟନ ପ୍ରାକୃତିକ, ଶାରୀରିକ, ମାନବୀୟ ସମ୍ବଳ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଅବସ୍ଥିତ ନିର୍ଦ୍ଦିଷ୍ଟ ସମାଜର ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି ଆଧାରିତ ହେବା ଉଚିତ । କ୍ରିୟାକଳାପ ଓ ଯୋଜନା ଚୟନରେ ବିଭିନ୍ନତା ରହିବା ଉଚିତ । ପରିବେଶ ସମ୍ପର୍କିତ କ୍ରିୟାକଳାପଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା:-

୧-ଗୃହରୁ ବିଦ୍ୟାଳୟକୁ ଯିବାଆସିବା ସମୟରେ ସମସ୍ତ ବସ୍ତୁ ଯଥା-ଘର, ଗଛ, ସ୍ତମ୍ଭ, ଦୋକାନ ଇତ୍ୟାଦିକୁ ପର୍ଯ୍ୟବେକ୍ଷଣ କରିବା । ଏହା ଆମକୁ ସମ୍ବେଦନଶୀଳ କରିବ ଏବଂ ଆମକୁ ସେଗୁଡ଼ିକ ସହ ପରିଚିତ କରାଇବ ।

୨-ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ବୟସ୍କଙ୍କୁ ସାହାଯ୍ୟ କରିବା ଯେମିତି ଆଖପାଖ ପ୍ରମୋଦ ଉଦ୍ୟାନରୁ ପ୍ଲାଷ୍ଟିକ୍ ବ୍ୟାଗ୍ ବା ଅନ୍ୟାନ୍ୟ ଅଳିଆ ଉଠାଇବା, ଜମି ରହିଥିବା ପାଣି ନିଷ୍କାସନ କରିବା, ଅନାବନା ଘାସ ଓପାଡ଼ିବା ଓ ବୁଲା ଜନ୍ତୁଜୁନ୍ତା ଓ ପ୍ରାଣୀଙ୍କ ସମ୍ପର୍କରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବା ଇତ୍ୟାଦି ।

୩-ଘରେ ବା ଆଖପାଖରେ କର୍ମ ଓ ଫଳପ୍ରଦ କ୍ରିୟାକଳାପକୁ ପର୍ଯ୍ୟବେକ୍ଷଣ କରିବା ଯେମିତି କି ଖାଦ୍ୟ ରନ୍ଧନ ଦେଖିବା (ଏଥିରେ ମା'ଙ୍କୁ ସାହାଯ୍ୟ କରିବା), ଦରଜୀ ଦୋକାନ, କୁମ୍ଭାର ଦ୍ୱାରା ମାଟିପାତ୍ର ନିର୍ମାଣ. ରାଜମିସ୍ତ୍ରୀ କାର୍ଯ୍ୟ, ଚୂନ ଧଉଳା କାର୍ଯ୍ୟ, ରଙ୍ଗଦେବା, ମାଲ୍‌ବୋଝେଇ ଏବଂ ବାଳକଟା କାର୍ଯ୍ୟ ଇତ୍ୟାଦି ।

୪-ନିଜ ଜୋତା ପରିଷ୍କାର କରିବା, ରିବନ, ରୁମାଲ, ଅନ୍ତର୍ବସ୍ତ୍ର ଓ ମୋଜା ସଫା କରିବା, ବ୍ୟାଗ୍ ସଫା କରିବା ଏବଂ ବୋତାମ ଲଗାଇବା ଇତ୍ୟାଦି ।

୫-ନିୟମିତଭାବେ ବିଦ୍ୟାଳୟରେ ବା ଘରେ ଥିବା ଗଛରେ ପାଣିଦେବା, ଅନାବନା ଗଛ ଓପାଡ଼ିବା ଏବଂ ଅନ୍ୟ ଆବଶ୍ୟକ କ୍ରିୟାକଳାପନ ସମ୍ପାଦନ ।

୬-ବଗିଚା ପର୍ଯ୍ୟବେକ୍ଷଣ କରିବା ଓ କ୍ଷେତରୁ ଅମଳ କରିବା, କର୍ମ ଅବଲୋକନ କରିବା ଏବଂ କୌତୁହଳ ପୂରଣ ପାଇଁ ବିଭିନ୍ନ ପ୍ରଶ୍ନ କରିବା ।

୭-ପ୍ରକୃତିକୁ ଚିହ୍ନିବା ଏବଂ ଆଖପାଖରେ ଥିବା ଗଛର ବ୍ୟବହାର ଜାଣିବା ଏବଂ ସେଗୁଡ଼ିକର ଯତ୍ନ ନେବାକୁ ସର୍ବଦା ପ୍ରସ୍ତୁତ ରହିବା ।

୮-ଡାକଘର, ବସ୍‌ଷ୍ଟପ୍, ଡାକ୍ତରଖାନା, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଆନିମଲ୍ ଫାର୍ମ ଇତ୍ୟାଦି ।

୯-ସାଂସ୍କୃତିକ ଏବଂ ଧାର୍ମିକ ମହୋତ୍ସବ ଘଟଣା ଓ କାର୍ଯ୍ୟକ୍ରମ ଦେଖିବା ଏବଂ ଆବଶ୍ୟକ ହେଲେ ଅଂଶଗ୍ରହଣ କରିବା ।

## ନିଜ ଅଗ୍ରଗତି ଆକଳନ-୧

୧- କର୍ମ ଶିକ୍ଷାରେ କ୍ରିୟାକଳାପ ଚୟନ ସମୟରେ କେଉଁ ୬ଟି କ୍ଷେତ୍ର ଆଧାର ହୋଇଥାଏ ?

----------------------------------------------------------------------------------------------------

----------------------------------------------------------------------------------------------------

----------------------------------------------------------------------------------------------------

----------------------------------------------------------------------------------------------------

୨- ଠିକ୍ ଉକ୍ତି ଡାହାଣରେ (ଠିକ୍) ଚିହ୍ନ ଦିଅ:

-ଆଖପାଖରେ ଉଦ୍ଦେଶ୍ୟମୂଳକ ପର୍ଯ୍ୟବେକ୍ଷଣ ସମ୍ବେଦନଶୀଳତା ବଢ଼ାଏ । ( )

-ବିଦ୍ୟାଳୟ ଶିକ୍ଷାର ପ୍ରାଥମିକ ସ୍ତରରେ ଛାତ୍ରଛାତ୍ରୀଙ୍କୁ ବଗିଚା ସମ୍ପର୍କିତ କାର୍ଯ୍ୟକଳାପରେ ନିୟୋଜିତ କରିବା ଅନୁଚିତ । ( )

-କର୍ମ ଶିକ୍ଷା ଦୃଷ୍ଟି କୋଣରୁ ସାଂସ୍କୃତିକ ଓ ଧାର୍ମିକ ମହୋତ୍ସବରେ ପିଲାମାନଙ୍କ ଅଂଶଗ୍ରହଣ ଜରୁରୀ ଅଟେ । ( )

-ନିଜ ଜୋତା ସଫା କରିବା, ବହି ବ୍ୟାଗ୍ ସଫା କରିବା ଇତ୍ୟାଦି କର୍ମ ଶିକ୍ଷାରେ ସାମିଲ କରାଯିବା ଅନୁଚିତ । ( )

## ୧୩.୨.୧ ସାମଗ୍ରୀ, ଉପକରଣ ଓ କୌଶଳର ବ୍ୟବହାର

ବୃହତ ଶିକ୍ଷସଂସ୍ଥା କିମ୍ୱା ମଣିଷର ଦୈନନ୍ଦିନ ଜୀବନରେ ସାମଗ୍ରୀ, ଉପକରଣ ଓ କୌଶଳର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । କର୍ମ ଶିକ୍ଷାର ପାଠ୍ୟଖସଡ଼ା ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ ପାଇଁ ଏବଂ ସେଗୁଡ଼ିକୁ ଉପଭୋଗ କରିବା ପାଇଁ ସାମଗ୍ରୀ, ଉପକରଣ ଓ କୌଶଳ ପ୍ରବର୍ତ୍ତନ କରିଛି; ଯାହା ଫଳରେ ଅନ୍ୟୂନ ପ୍ରାଥମିକ ସ୍ତରରେ ଦକ୍ଷତାର ବିକାଶ ହୋଇପାରିବ । ନିମ୍ନରେ ସେହି ପ୍ରକାର କ୍ରିୟାକଳାପର ଏକ ତାଲିକା ପ୍ରଦାନ କରାଗଲା:

୧-ବିଭିନ୍ନ ଖେଳ ସାମଗ୍ରୀ ସହ ପରିଚିତି

୨-ମାଟି, ପୁରୁଣା କାଗଜ, ପୁରୁଣା ଖବରକାଗଜ, ବାଉଁଶ, ପତ୍ର, ତୂଳା, ବ୍ୟବହୃତ ଲୁଗା ଖଣ୍ଡ ସହ ପରିଚିତ ହେବା, ସେଗୁଡ଼ିକ ସହ ଖେଳିବା ଏବଂ ସେଥିରୁ ଦରକାରୀ ସାମଗ୍ରୀ ପ୍ରସ୍ତୁତ କରିବା ।

୩-ରୋଷେଇ ଘରେ ଏବଂ ଅନ୍ୟାନ୍ୟ ଘରକରଣା କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ବିଷୟରେ ଜାଣିବା ଓ ତାହାର ବ୍ୟବହାର କରିବା ।

୪-ଲୁଗା ସଫା କରିବା ଓ ଧୋଇବା କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଯଥା-ବ୍ରସ୍, ଯନ୍ତ୍ରପାତି, ବାଲ୍ଟି, ସାବୁନ୍ ଏବଂ ପାଉଡର ସହ ପରିଚିତ ହେବା ଏବଂ ନିଜ ନିଜର କ୍ଷମତା ଅନୁସାରେ ବ୍ୟବହାର କରିବା ।

୫- ଫୁଲ ସଜେଇବା, ମାଳା ଗୁନ୍ଥିବା ଏବଂ ଫୁଲ ତୋଡ଼ା ପ୍ରସ୍ତୁତ କରିବା ।

୬- କଳାତ୍ମକ ବସ୍ତୁର (ହସ୍ତକଳା) ଚିହ୍ନଟ ଓ ଚିତ୍ରାଙ୍କନ ସମ୍ବନ୍ଧିତ ବସ୍ତୁ ଓ ଉପକରଣର ବ୍ୟବହାର ।

## ୧୩.୨.୨ କର୍ମ ଅଭିଜ୍ଞତା

କର୍ମ ଅଭିଜ୍ଞତା ଅର୍ଥ କର୍ମ ସାଧନ ଓ ଶିକ୍ଷଣ ଜରିଆରେ ଅଭିଜ୍ଞତା ଅର୍ଜନକୁ ବୁଝାଏ । ଏହା କେବଳ ସବିଶେଷ ସୂଚନା ପାଇବା ପାଇଁ ଯେ ସୁଯୋଗ ପ୍ରଦାନ କରେ ତାହା ନୁହେଁ, ବରଂ ସେହିସବୁ ପରିସ୍ଥିତିରେ କାର୍ଯ୍ୟ କରିବାକୁ ସୁଯୋଗ ପ୍ରଦାନ କରେ ଯେଉଁଠାରେ ସେ ବହୁଳ ଅଧ୍ୟୟନ କରିପାରିବ, ଶିକ୍ଷଣକୁ ଉପଭୋଗ କରିବ ଏବଂ ତା' ସଂଶୟର ସମାଧାନ ପାଇଥାଏ, ତା' କୌତୁହଳତାକୁ ପୂରଣ କରିପାରେ ଏବଂ ଘର, ପରିବାର, ବିଦ୍ୟାଳୟ ଓ ଗୋଷ୍ଠୀର ବିଭିନ୍ନ କାର୍ଯ୍ୟ ସ୍ଥିତି ସମ୍ପର୍କରେ ସୂଚନା ପାଇପାରିଥାଏ ।

କାର୍ଯ୍ୟ ଅଭିଜ୍ଞତା ପାଇଁ ପ୍ରଦତ୍ତ କ୍ରିୟାକଳାପ ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ଓ ଆତ୍ମ ନିର୍ଭରଶୀଳତାକୁ ପୋଷିତ କରିବାରେ ସକ୍ଷମ ହେବା ଉଚିତ । ସମାଜର ଗଠନାତ୍ମକ କାର୍ଯ୍ୟକ୍ରମରେ ଆନନ୍ଦମନରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ଆଗ୍ରହ ରହିବା ଉଚିତ । ପରିବେଶ ପରିଷ୍କାର ଓ ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ସେମାନେ ସୁଯୋଗ ପାଇବା ଆବଶ୍ୟକ । ସେମାନେ ଶ୍ରମ ଓ ଶ୍ରମିକଙ୍କ ପ୍ରତି ସମ୍ମାନଜନକ ମନୋଭାବ ପୋଷଣ କରିବାକୁ ସକ୍ଷମ ହେବା ଆବଶ୍ୟକ ।

ପରିବେଶଗତ ଓ ଉତ୍ପାଦନକ୍ଷମ କ୍ରିୟାକଳାପରେ ଅଂଶଗ୍ରହଣ କରି ପିଲାମାନେ କାର୍ଯ୍ୟ ସ୍ଥିତି ସଂକ୍ରାନ୍ତରେ ସବିଶେଷ ସୂଚନା ପାଇପାରିବେ ଯାହା ସେମାନଙ୍କ ଆଖପାଖର ଘଟଣା ଓ ପରିବେଶ ବିଷୟରେ ଜାଣିବାକୁ କୌତୁହଳ ବୃଦ୍ଧି କରିବ ।

### କ୍ରିୟାକଳାପ-୧

କାଗଜରେ ବିଭିନ୍ନ ପ୍ରକାର ନମୁନା ପ୍ରସ୍ତୁତ କର- କାଳି ଓ ରଙ୍ଗରେ ନକ୍ସାଙ୍କନ କର, ସୂତାରେ କାରୁକାର୍ଯ୍ୟ, କାଗଜରେ ମାର୍ବଲ ପ୍ରସ୍ତୁତି



ଟିପ୍ପଣୀ

-ନିମନ୍ତ୍ରଣ ପତ୍ର, ପୁସ୍ତକ ସୂଚୀ, ବିଭିନ୍ନ ଦେଶର ଜାତୀୟ ପତାକା, ପଟି, ମାଳା, ଖୋଳ ପ୍ରସ୍ତୁତି, କାଗଜରେ ବିଭିନ୍ନ ଆକୃତି ଯଥା-ଡଙ୍ଗା, ଦିନ ଓ ରାତି ଇତ୍ୟାଦି ।

-ମାଟିରେ ଖେଳଣା ତିଆରି

-ପତ୍ର, ଶଂଖ, ଶାମୁକା, ଫୁଲ ମଞ୍ଜି ଏବଂ ପର ଇତ୍ୟାଦି ସଂଗ୍ରହ

-ଚା', କଫି, ଲେମ୍ବୁ ସର୍ବତ ପ୍ରସ୍ତୁତ କରିବା

-ନିଜ ବହି ବନ୍ଧେଇବା

-ଦୈନନ୍ଦିନ ଜୀବନ ପାଇଁ ଘରକରଣା ଜିନିଷ କିଣିବା

-ସାନ ଭାଇଭଉଣୀଙ୍କ ଦେଖାରଖା କରିବାରେ ପିତାମାତାଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କୁ ପଢ଼ାପଢ଼ିରେ ସାହାଯ୍ୟ କରିବା

-ଗଛଲତାର ଯତ୍ନ ନେବା

-ବିଦ୍ୟାଳୟରେ ପରିଚ୍ଛନ୍ନତା ସଂକ୍ରାନ୍ତ କାର୍ଯ୍ୟ ସମ୍ପାଦନ କରିବା ଇତ୍ୟାଦି

**ନିଜ ଅଗ୍ରଗତି ଆକଳନ -୨**

୧-କାର୍ଯ୍ୟ ଅଭିଜ୍ଞତା ଅନ୍ତର୍ଗତ କ୍ରିୟାକଳାପର ଯେକୌଣସି ଦୁଇଟି ଆଧାର ଲେଖ ?

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

୨-ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କ ଦୈନନ୍ଦିନ ନିର୍ଘଣ୍ଟରେ ବ୍ୟବହୃତ ଯେକୌଣସି ପାଞ୍ଚଟି କ୍ରିୟାକଳାପର ପରାମର୍ଶ ପ୍ରଦାନ କର ।

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

୧୩.୩. **ଛାତ୍ରଛାତ୍ରୀଙ୍କ ଦଳ (ସମୂହ) ଗଠନ**

ପିଲାମାନେ ତାଙ୍କ ଭାବନା ଓ ପରିକଳ୍ପନାକୁ ରୂପ ଦେବା ପରେ ଉତ୍‌ଫୁଲ୍ଲିତ ହେଉଥିବା ତୁମେ ବୋଧହୁଏ ଲକ୍ଷ୍ୟ କରିଥିବ । ମାତ୍ର ସେମାନେ ଯେତେବେଳେ ଦଳଗତଭାବେ କାର୍ଯ୍ୟ ସମ୍ପାଦନ କରନ୍ତି:-

-ଏହି ଶିକ୍ଷଣ ପ୍ରକ୍ରିୟା ଜରିଆରେ ସେମାନଙ୍କ ଆନନ୍ଦ ଭାବନାର ଏକ ସକାରାତ୍ମକ ବୃଦ୍ଧି ଘଟିଥାଏ

-ସେମାନଙ୍କ ମଧ୍ୟରେ ଦଳଗତ ଭାବନା ଉଦ୍ରେକ ହୁଏ

-ସେମାନେ ପରସ୍ପରକୁ ଶିକ୍ଷାଦାନ ଶିକ୍ଷଣ ପ୍ରଦର୍ଶିତ କରନ୍ତି

-ସହଯୋଗ ଓ ନେତୃତ୍ୱପଣିଆ ପରି ଗୁଣ ସ୍ୱତଃପ୍ରବୃତ୍ତ ଭାବେ ବିକଶିତ ହୋଇଥାଏ

ଟିପ୍ପଣୀ

କର୍ମ ଶିକ୍ଷାର ଅଧିକାଂଶ କ୍ରିୟାକଳାପର ସ୍ୱରୂପ ଏପରି ଯେ ତାହାକୁ ଦଳଗତଭାବେ ସମ୍ପାଦନ କଲେ ଅଧିକ ସଫଳତା ମିଳେ । ଦଳଗତ କାର୍ଯ୍ୟରେ ମନୋଭାବ, ମୂଲ୍ୟବୋଧ ଏବଂ ଦକ୍ଷତା ଓ ଅନ୍ୟ ସାମାଜିକ ମୂଲ୍ୟବୋଧ ସମ୍ବନ୍ଧିତ ଗୁଣ ଯଥା- ପରସ୍ପର ଓ ପରିବେଶ ପ୍ରତି ସମ୍ବେଦନଶୀଳ ହେବା, ସହୃଦୟତା, ସହଯୋଗ, ପରସ୍ପର ନିର୍ଭରଶୀଳତାକୁ ବୁଝିବା, ପ୍ରକୃତିକୁ ଭଲ ପାଇବା, ସୌନ୍ଦର୍ଯ୍ୟକୁ ପ୍ରଶଂସା କରିବା, ଶ୍ରମକୁ ସମ୍ମାନ ଏବଂ ନିୟମିତତା ଇତ୍ୟାଦି ସମ୍ବନ୍ଧିତ ଗୁଣ ଅଧିକ ବିକଶିତ ହୋଇଥାଏ । ସମୂହରେ କାର୍ଯ୍ୟ କରିବା ଦ୍ୱାରା ଏକକ ସଂସ୍କୃତି ଭାବନା ଉଦ୍ରେକ ହୁଏ ।

ଶିକ୍ଷାର୍ଥୀଙ୍କ ଦଳ ଗଠନ ବ୍ୟବସ୍ଥିତ ଢଙ୍ଗରେ କରାଗଲେ ଉପରବର୍ଣ୍ଣିତ ସକାରାତ୍ମକ ଦିଗର ପ୍ରସାର ହୋଇଥାଏ । ଛାତ୍ରଛାତ୍ରୀଙ୍କ ଦଳ ଗଠନ ସମୟରେ ତୁମେ ନିମ୍ନଲିଖିତ ବିନ୍ଦୁଗୁଡ଼ିକ ପ୍ରତି ଧ୍ୟାନ ଦେବା ଆବଶ୍ୟକ:-

-ତୁମେ ଗୋଟିଏ ଶ୍ରେଣୀରେ ଭିନ୍ନ ଭିନ୍ନ ଦଳ/ସମୂହ ଗଠନ କରୁଛ ନା ଦୁଇ ବା ତିନିଟି ଶ୍ରେଣୀକୁ ମିଶାଇ ଦଳ ଗଠନ କରୁଛ ?

ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା ବେଳେ ତୁମେ ଉଭୟ ସ୍ଥିତିର ସମ୍ମୁଖୀନ ହେବ । କେତେକ କ୍ରିୟାକଳାପ ପାଇଁ ତୁମେ ସମାନ ଶ୍ରେଣୀରୁ ଦଳ ଗଠନ କରିବ ଏବଂ ଆଉ କେତେକ ପାଇଁ ତୁମେ ମିଶ୍ରିତ ଦଳ ଗଠନ କରିବ । ଉଦାହରଣ ସ୍ୱରୂପ:-

ପ୍ରଭାତ ସଭା ଆୟୋଜନରେ ସବୁ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ଉଭୟ ସ୍ଥିତିକୁ ଦର୍ଶାଏ ।

-ସହ ଶିକ୍ଷାରେ ମିଶ୍ରିତ ଦଳ ଗଠନ

-ଶାରୀରିକ ଭିନ୍ନକ୍ଷମ ପିଲାଙ୍କ ପାଇଁ ପୃଥକ ସମୂହ ଗଠନ ନକରି ସେମାନଙ୍କୁ ଅନ୍ୟ ପିଲାମାନଙ୍କ ସହ ଏକାଠି ରଖ ଏବଂ ସେଠାରେ ସେମାନଙ୍କୁ କେତେକ ଅର୍ଥପୂର୍ଣ୍ଣ ଭୂମିକା ଓ ଦାୟିତ୍ୱ ପ୍ରଦାନ କରାଯାଉଥିବା ନିଶ୍ଚିତ କର ।

-ସବୁ ଚାଲାକ ଏବଂ ଶୀଘ୍ର ଶିକ୍ଷାଗ୍ରହଣ କରୁଥିବା ପିଲାମାନଙ୍କୁ ଗୋଟିଏ ଦଳରେ ରଖନ୍ତୁ ନାହିଁ । ଏହାର ଅର୍ଥ ହେଲା ଦଳରେ ମନ୍ଥର ଓ ଶୀଘ୍ର ଶିକ୍ଷାଗ୍ରହଣ କରୁଥିବା ପିଲାଙ୍କୁ ମିଶ୍ରିତଭାବରେ ରଖିବା । ତୁମକୁ ନିରନ୍ତର ପର୍ଯ୍ୟବେକ୍ଷଣ କରିବାକୁ ପଡ଼ିବ ଯେ ମେଧାବୀ/ବୟସ୍କ ପିଲା ଏବଂ ଶୀଘ୍ର ଶିକ୍ଷାଗ୍ରହଣ କରୁଥିବା ପିଲା ଅନ୍ୟ ପିଲାମାନଙ୍କୁ ଅବଦମିତ ନକରନ୍ତି ଯେମିତି, ଦଳରେ ସମଭାଗିଦାରୀ ନିଶ୍ଚିତ କର । ସେମାନଙ୍କ ନିଷ୍ପତ୍ତି ଓ ପରାମର୍ଶକୁ ଶୁଣ ଏବଂ ଆବଶ୍ୟକ ଅନୁସାରେ ତାହାକୁ କାର୍ଯ୍ୟକାରୀ କର । ଏହାର ଅର୍ଥ ହେଲା, ଦଳରେ ଏକ ଗଣତନ୍ତ୍ରିକ ପରିବେଷ୍ଟନୀ ବଳବତ୍ତର ରହିବ । ଏଥି ପାଇଁ ସେମାନଙ୍କୁ ପ୍ରାରମ୍ଭରେ ଅଧିକ ସମୟ ପ୍ରଦାନ କରାଯିବା ଉଚିତ ।

ଆଉ କେତେକ କାରକ ମଧ୍ୟ ସମୂହ ଗଠନକୁ ପ୍ରଭାବିତ କରିଥାନ୍ତି:

-ସ୍ଥାନ ଉପଲବ୍ଧତା

-ସମ୍ବଳ, ସାମଗ୍ରୀ ଓ ଉପକରଣ ଇତ୍ୟାଦିର ପ୍ରାଚୁର୍ଯ୍ୟ

-ସମୟର ଉପଲବ୍ଧତା

-ତଦାରଖ ଓ ଆକଳନ ବ୍ୟବସ୍ଥା

-ଛାତ୍ରଛାତ୍ରୀଙ୍କ ସଂଖ୍ୟା

-କ୍ରିୟାକଳାପର ପ୍ରକୃତି ଓ ଏହାର ଉଦ୍ଦେଶ୍ୟ

-ଶିକ୍ଷାର୍ଥୀଙ୍କ ଆଗ୍ରହ, ପ୍ରାକ୍ ଜ୍ଞାନ ଓ ପ୍ରାରମ୍ଭିକ ପ୍ରବେଶ ଆଚରଣ ଆଧାରରେ ମଧ୍ୟ ଦଳ ଗଠନ କରାଯାଇପାରେ ।

ପ୍ରାରମ୍ଭିକ ପ୍ରବେଶିକା ଆଚରଣ କହିଲେ କର୍ମ ସମ୍ପାଦନ ପୂର୍ବରୁ ସେହି କର୍ମ ପ୍ରତି ଶିକ୍ଷାର୍ଥୀଙ୍କ ଜ୍ଞାନ ଓ ବୁଝିବା ଶକ୍ତିକୁ



ଟିପ୍ପଣୀ

ବୁଝାଯାଏ । ଅନେକ ପିଲା ଗୃହରେ ଏପରି ପରିବେଶ ପ୍ରାପ୍ତ ହୋଇଥାନ୍ତି ଯେଉଁଠାରେ ସେମାନେ ଆଗ୍ରହରେ ଅଥବା ବାଧ୍ୟବାଧକତାରେ ଅନେକ ଫଳପ୍ରଦ ପ୍ରକ୍ରିୟାରେ ସାମିଲ ହୁଅନ୍ତି କିମ୍ବା ସେମାନଙ୍କୁ ନିୟମିତ କାର୍ଯ୍ୟରେ ସାମିଲ ହେବାକୁ ପଡ଼େ । ତୁମ ଶ୍ରେଣୀରେ କେତେକ ଛାତ୍ରଛାତ୍ରୀ ରହିଥିବେ ଯେଉଁମାନେ ଘରକାମରେ ସାମିଲ ହେବାକୁ କୌଣସି ସୁଯୋଗ ପାଉନଥିବେ । ଯେଉଁମାନଙ୍କର ବ୍ୟକ୍ତିଗତ କାର୍ଯ୍ୟ ମଧ୍ୟ ସେମାନଙ୍କ ପିତାମାତା କରିଥାନ୍ତି ।

ଉଭୟ ପ୍ରକାର ପିଲାଙ୍କ ପ୍ରାରମ୍ଭିକ ଆଚରଣରେ ଉଲ୍ଲେଖଯୋଗ୍ୟ ପାର୍ଥକ୍ୟ ରହିଥାଏ । ପ୍ରଦତ୍ତ କାର୍ଯ୍ୟର ଜ୍ଞାନ, କୌଶଳ ଓ ସାମଗ୍ରୀ ସଂକ୍ରାନ୍ତରେ ଜଣଙ୍କର ଆଂଶିକ ବା ପୂର୍ଣ୍ଣ ବୁଝିବା ଶକ୍ତି ଥିଲାବେଳେ ଅନ୍ୟ ଜଣଙ୍କର କୌଣସି ଅଭିଜ୍ଞତା ନଥାଏ । ଏ କ୍ଷେତ୍ରରେ ସମୂହ ଗଠନ ପ୍ରକ୍ରିୟାରେ କ'ଣ ତୁମର ଆଧାର ହେବ ? ପୃଥକ୍ ସମୂହ ରଚନା କଲେ କ'ଣ କ୍ଷତି ହେବ ? ତୁମେ ଯଦି ମିଶ୍ରିତ, ବିବିଧ ବର୍ଗ ଏବଂ ମିଶ୍ରିତ କ୍ଷମତା ଥିବା ପିଲାମାନଙ୍କୁ ନେଇ ସମୂହ ଗଠନ କର ତେବେ କେଉଁ ସ୍ତରରେ ତୁମର ଦାୟିତ୍ୱ କେତେ ବୃଦ୍ଧି ପାଇବ ? ଏହି ସବୁ ବିଭିନ୍ନ ଦିଗକୁ ବିଚାରକୁ ନେଇ ତୁମେ ସମୂହ ଗଠନ କରିବା ଆଶା କରାଯାଏ । ଏକ ନିର୍ଦ୍ଦିଷ୍ଟ କ୍ରିୟାକଳାପ ପାଇଁ ଗଠିତ ସମୂହ ବା ଶିକ୍ଷା ବର୍ଷ ଆରମ୍ଭରୁ ଗଠିତ ସମୂହ ସ୍ଥାୟୀ ହେବା ଜରୁରୀ ନୁହେଁ । ତୁମେ ସମୂହର ସାଂଗଠନିକ ପରିବର୍ତ୍ତନ କରିପାରିବ । ସମୂହ ଗଠନରେ ପରିବର୍ତ୍ତନ ଆଣିବାକୁ ତୁମକୁ କେତେକ ଆଧାରକୁ ଧ୍ୟାନ ଦେବାକୁ ପଡ଼ିବ:-

-ପୂର୍ବ ସମୂହର ପଦ୍ଧତି

-ନୂଆ ପରିସ୍ଥିତି

-କ୍ରିୟାକଳାପ ପ୍ରକୃତିରେ ପରିବର୍ତ୍ତନ

-ନୂତନତ୍ୱ ଉଦ୍ୟମ

ପୂର୍ବରୁ ଗଠିତ ସମୂହରେ ପରିବର୍ତ୍ତନ ଆଣି ତୁମେ ତୁମ ଦାୟିତ୍ୱ ବଢ଼ାଉଛ ଏହା ନିଃସନ୍ଦେହ ମାତ୍ର ଏହା ଦ୍ୱାରା ତୁମେ ତୁମ ବିଷୟ ପ୍ରତି ସଚେତନତା ଓ ସାଧୁତା ମଧ୍ୟ ପ୍ରଦର୍ଶିତ କରୁଛ ।

**ନିଜ ଅଗ୍ରଗତି ଆକଳନ -୩**

୧-କର୍ମ ଶିକ୍ଷା ସମ୍ବନ୍ଧିତ ବିଭିନ୍ନ କ୍ରିୟାକଳାପ ସମ୍ପାଦନ ପାଇଁ ସମୂହ ଗଠନ କରିବା କାହିଁକି ଆବଶ୍ୟକ ?

----------------------------------------------------------------------

----------------------------------------------------------------------

----------------------------------------------------------------------

----------------------------------------------------------------------

୨-ସମୂହ ଗଠନ ସମୟରେ କେଉଁସବୁ ଗୁରୁତ୍ୱପୂର୍ଣ୍ଣ କାରକକୁ ମନ ମଧ୍ୟରେ ରଖିବାକୁ ପଡ଼ିବ ?

----------------------------------------------------------------------

----------------------------------------------------------------------

----------------------------------------------------------------------

----------------------------------------------------------------------

୩- ଏକା ପ୍ରକାର ଅଭିଜ୍ଞତା ସମ୍ପନ୍ନ ପିଲାମାନଙ୍କୁ ନେଇ ସମୂହ ଗଠନ ଉପଯୁକ୍ତ କି ? କାରଣ ସହ ଲେଖ ।

----------------------------------------------------------------------

----------------------------------------------------------------------

ଟିପ୍ପଣୀ

### ୧୩.୩.୧ ସମୟ ଆବଣ୍ଟନ

କ୍ରିୟାକଳାପର ସ୍ୱରୂପ, ଉଦ୍ଦେଶ୍ୟ ଏବଂ ଆଶାକରାଯାଉଥିବା ଫଳାଫଳ ଆଧାରରେ ସମୟ ଆବଣ୍ଟନ କରାଯାଏ । ପ୍ରତ୍ୟେକ କ୍ରିୟାକଳାପର ସମସ୍ତ ପର୍ଯ୍ୟାୟ ବିଦ୍ୟାଳୟରେ ସମ୍ପାଦନ କରାଯିବା ଜରୁରୀ ନୁହେଁ । କେତେକ କ୍ରିୟାକଳାପ ରହିଛି ଯାହା ଶିକ୍ଷକଙ୍କ ପ୍ରଦର୍ଶନ ସହ ଆରମ୍ଭ ହୋଇଥାଏ ଏବଂ ସେମାନଙ୍କ ଗୃହରେ ବା ଗୋଷ୍ଠୀରେ ସେମାନଙ୍କ ସୁବିଧା ଅନୁସାରେ ସମ୍ପାଦିତ ହୋଇଥାଏ ।

ସମୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା- କେଉଁ କ୍ରିୟାକଳାପ ବର୍ଷ/ଅଧିବେଶନର କେଉଁ ଭାଗରେ ସମ୍ପାଦିତ ହେବ । ଏହି ସମୟ ନିର୍ଦ୍ଧାରଣ କ୍ରିୟାକଳାପର ସ୍ୱରୂପ ଓ ବିଦ୍ୟାଳୟ ଓ ଗୋଷ୍ଠୀର ଆବଶ୍ୟକତା ଉପରେ ନିର୍ଭର କରେ ।

ଏକ ନିର୍ଦ୍ଦିଷ୍ଟ ମାସ/ଅଧିବେଶନରେ କ'ଣ କ'ଣ ଅତିରିକ୍ତ କ୍ରିୟାକଳାପ କରାଯିବ ଏବଂ ସେଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକୁ କର୍ମ ଶିକ୍ଷା କାର୍ଯ୍ୟକ୍ରମର ଅଂଶ ହୋଇପାରିବ ଜଣେ କର୍ମ ଶିକ୍ଷା ଶିକ୍ଷକ ଭାବରେ ତୁମେ ଏକ ପ୍ରକଳ୍ପ ଯୋଜନା କରିପାରିବ ।

୧-ନାମଲେଖା ନିୟମାବଳୀ ସଂକ୍ରାନ୍ତ ସୂଚନା ପିତାମାତାଙ୍କୁ ସାକ୍ଷାତ କରି କିମ୍ବା ଆମନ୍ତ୍ରଣ କରି ଏକ ଅନୌପଚାରିକ ବୈଠକରେ ପ୍ରଦାନ କରାଯାଇ ପାରିବ ।

୨-ନାମ ଲେଖା ସମୟରେ କେତେକ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ଉଦାହରଣ ସ୍ୱରୂପ ନିର୍ଦ୍ଦେଶନ ବିଦ୍ୟାଳୟର ମୁଖ୍ୟ ଫାଟକରେ ଦେବା, ପିତାମାତାଙ୍କ ପାଇଁ ବସିବା ବ୍ୟବସ୍ଥା, ନିରକ୍ଷର ପିତାମାତାଙ୍କ ପାଇଁ ନାମଲେଖା ଫାରମ ପୂରଣର ସୁବିଧା, ସମସ୍ତଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ଆଦି ସମ୍ଭାବ୍ୟ କର୍ମ ଶିକ୍ଷା କାର୍ଯ୍ୟକ୍ରମ ଅଟେ ।

୩-ଅପ୍ରେଲ ମାସ ପରେ ମଇ ଓ ଜୁନ୍ ମାସରେ ଗ୍ରୀଷ୍ମ ଅବକାଶ ହୁଏ । ତୁମେ ଛାତ୍ରଛାତ୍ରୀଙ୍କ ପାଇଁ ସେମାନଙ୍କୁ ଦିଆଯିବାକୁ ଥିବା କାର୍ଯ୍ୟ ନିମନ୍ତେ ଏକ ପ୍ରକଳ୍ପ ଯୋଜନା କରିପାରିବ । ମଞ୍ଜି ସଂଗ୍ରହ, ଆମ୍ବ ଟାକୁଆରୁ ହ୍ୱିସଲ୍ ତିଆରି, ଆମ୍ବରୁ ପାନୀୟ ପ୍ରସ୍ତୁତି, ବିଭିନ୍ନ ପ୍ରକାର ଆମ୍ବକୁ ଜାଣିବା, ଯେକୌଣସି ୧୦ ଦିନ ପାଇଁ ବିବରଣ ଲେଖିବା, ଭଙ୍ଗା ସାମଗ୍ରୀ ଏକାଠି କରିବା ପରି ଗୃହକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇ ପାରେ ।

୪- ଗ୍ରୀଷ୍ମାବକାଶ ପରେ ଜୁଲାଇରେ ବିଦ୍ୟାଳୟ ପୁନଃ ଖୋଲିଥାଏ । ବିଦ୍ୟାଳୟ କ୍ରିୟାକଳାପ ଓ ଜୁଲାଇ ମାସର ପାଣିପାଗକୁ ନେଇ ତୁମ ନିକଟରେ ଅନେକ କାର୍ଯ୍ୟକ୍ରମ ରହିଥାଏ । ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ଦକ୍ଷତାକୁ ଧ୍ୟାନରେ ରଖି ତୁମେ ଯେକୌଣସି କାର୍ଯ୍ୟକ୍ରମକୁ ଚୟନ କରିପାରିବ ।

ନୂଆକରି ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଅନୌପଚାରିକ ଭାବରେ ସ୍ୱାଗତ କରିବା ପାଇଁ ସ୍ୱାଗତ ସମାରୋହ ଆୟୋଜନ ।

୫- ଜୁଲାଇ ମାସରେ ବର୍ଷା ହୋଇଥାଏ । ସ୍ଥାନର ଉପଲବ୍ଧତା ଆଧାରରେ ତୁମେ ସେମାନଙ୍କୁ ଚାଷକାର୍ଯ୍ୟ ସମ୍ପର୍କିତ କ୍ରିୟାକଳାପ ପ୍ରଦାନ କରିପାରିବ । ତୁମେ ମଧ୍ୟ ବର୍ଷା ପରେ ଓଦାରୁ ରକ୍ଷା ପାଇବା, ଶସ୍ୟ ମହଜୁଦ ରଖିବା ଏବଂ ଲୁଗାପଟାର ସୁରକ୍ଷା ଇତ୍ୟାଦି କ୍ରିୟାକଳାପ ସଂକ୍ରାନ୍ତରେ ଚିନ୍ତା କରିପାରିବ ।
ଏହି ମାସର ୧୧ ତାରିଖରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୁଏ । ଏହି ଦିବସର ଉଦ୍ଦେଶ୍ୟକୁ ଧ୍ୟାନରେ ରଖି ଅନେକ କ୍ରିୟାକଳାପ ଆୟୋଜନ କରାଯାଇ ପାରିବ । ଉଦାହରଣ ସ୍ୱରୂପ-

୧-ସଚେତନତା ରାଲି, ନାଟକ ଏବଂ ବୈଠକ ଆୟୋଜନ

୨-ଜନସଂଖ୍ୟା ବିଷୟରେ ସ୍ଲୋଗାନ ଲିଖନ

୬-ସ୍ଥାନୀୟ ଓ ଜାତୀୟ ଉତ୍ସବର ମାସ ଅଗଷ୍ଟ । ରାକ୍ଷୀ ତିଆରି, ପତାକା ତିଆରି ଏବଂ ଉତ୍ସବର ପ୍ରକୃତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରି କ୍ରିୟାକଳାପ ମଧ୍ୟ ଆୟୋଜନ କରାଯାଇ ପାରିବ ।

ଟିପ୍ପଣୀ

## ୧୩.୩.୨ ସ୍ଥାନ ଆବଣ୍ଟନ

କର୍ମ ଶିକ୍ଷା ସଂକ୍ରାନ୍ତ କାର୍ଯ୍ୟକ୍ରମ ସଫଳ ଆୟୋଜନ ପାଇଁ ସ୍ଥାନର ଉପଯୁକ୍ତତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କର୍ମ ଶିକ୍ଷା କ୍ରିୟାକଳାପ ପ୍ରାଥମିକ ସ୍ତରର ପିଲାମାନଙ୍କ ପାଇଁ ସହଜ ଓ ଆନନ୍ଦଦାୟକ ହୋଇଥାଏ । ସେଗୁଡ଼ିକ କାର୍ଯ୍ୟ ସ୍ଥିତି, କାର୍ଯ୍ୟର ପ୍ରାଥମିକ କ୍ରିୟାକଳାପ ଓ ପରିବେଶ ଶିକ୍ଷାର ପର୍ଯ୍ୟବେକ୍ଷଣ ରୂପରେ କରାଯାଇଥାଏ । ତୁମେ ଏହି ତତ୍ତ୍ୱକୁ ବୁଝି ପାରିଲେ ସ୍ଥାନ ଆବଣ୍ଟନରେ କୌଣସି ସମସ୍ୟା ରହିବ ନାହିଁ । ଯଦି ଆମେ ପରିବେଶ ଅଧ୍ୟୟନକୁ ପର୍ଯ୍ୟବେକ୍ଷଣ କ୍ରିୟାକଳାପରେ ସାମିଲ କରିବା ତେବେ ଆମ କାର୍ଯ୍ୟସ୍ଥଳ ନିଃସନ୍ଦେହରେ ଶ୍ରେଣୀକକ୍ଷ ପରିବର୍ତ୍ତେ ସ୍ଥାନୀୟ ଅଞ୍ଚଳର ଅଂଶବିଶେଷ ହେବ । ଉଦାହରଣ ସ୍ୱରୂପ-

-ଗୋଷ୍ଠୀ ପାଣି ଟ୍ୟାପ୍

-କୁମ୍ଭାରଙ୍କ କାର୍ଯ୍ୟସ୍ଥଳୀ

-ମୋଚିଙ୍କ କାର୍ଯ୍ୟସ୍ଥଳୀ

-ପରିବା ବିକାଳି, ବୁଲା ବିକାଳି

-ଦରଜୀ ଦୋକାନ

-ଡାକଘର, ବ୍ୟାଙ୍କ ଓ ପଡ଼ି ଦୋକାନ

-ଖାଦ୍ୟ ସଂରକ୍ଷଣ କେନ୍ଦ୍ର

-ଗୋଷ୍ଠୀ କେନ୍ଦ୍ର

-ଆଞ୍ଚଳିକ ଉନ୍ନୟନ କେନ୍ଦ୍ର

-ପ୍ରୌଢ଼ ଏବଂ ଅନୌପଚାରିକ ଶିକ୍ଷା କେନ୍ଦ୍ର

-ପ୍ରମୋଦ ଉଦ୍ୟାନ, ବଗିଚା, ପଡ଼ିଆ ଓ ପୁଷ୍ପ କିଆରୀ

-ସୁବିଧାରୁ ବଂିତ ସମୂହଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କେନ୍ଦ୍ର ଯଥା- ଦୃଷ୍ଟିବାଧିତ ବିଦ୍ୟାଳୟ, ଜରା ନିବାସ, କ୍ରେଚ୍ ଇତ୍ୟାଦି

-ବଜାର, ସୁପର ବଜାର ଇତ୍ୟାଦି

-କୁଟୀର ଶିଳ୍ପ

-ସାପ୍ତାହିକ ହାଟ

-ସମୟକୁ ସମୟ ଆୟୋଜିତ ହେଉଥିବା ମେଳା

ସ୍ଥାନ ସଂକ୍ରାନ୍ତରେ ନିମ୍ନଲିଖିତ କେତେକ ବିନ୍ଦୁ ଗୁରୁତ୍ୱପୂର୍ଣ୍ଣ ଅଟେ-

୧- ବିଦ୍ୟାଳୟଠାରୁ କାର୍ଯ୍ୟସ୍ଥଳର ଦୂରତା- ଯଦି କାର୍ଯ୍ୟସ୍ଥଳ ବିଦ୍ୟାଳୟଠାରୁ ଅନେକ ଦୂର ହୋଇଥିବ, ତେବେ ସମୟ ଓ ଶକ୍ତିର ଅପଚୟ ହେବ । ତେଣୁ ଆଖପାଖର କାର୍ଯ୍ୟସ୍ଥଳ ପସନ୍ଦଯୋଗ୍ୟ ।

୨- ଭୌଗୋଳିକ ଓ ସାମାଜିକ ସ୍ଥିତି- ଭୌଗୋଳିକ ଅର୍ଥ ହେଲା ପାଣିପାଗ ସ୍ଥିତି । ପିଲାମାନଙ୍କୁ ପ୍ରବଳ ଶୀତ, ଗ୍ରୀଷ୍ମ ବା ବର୍ଷାରେ ବାହାରକୁ ନେଉଥିଲେ ସାବଧାନ । ସ୍ୱାସ୍ଥ୍ୟ ଓ ନିରାପ ତୁମ ପାଇଁ ସମସ୍ୟା ସୃଷ୍ଟି କରିବ । ସାମାଜିକ ସ୍ଥିତି ଅର୍ଥାତ୍ ଆଖପାଖ ଅଂଳରେ ସ୍ୱତନ୍ତ୍ର ଘଟଣା (ଦୁଃଖଦ ବା କୌତୁକପୂର୍ଣ୍ଣ) ଯେମିତିକି ରାଜନୈତିକ ଶୋଭାଯାତ୍ରା, ବିବାହ ଉତ୍ସବ, ଧାର୍ମିକ କାର୍ଯ୍ୟକ୍ରମ, ଦଙ୍ଗା ଇତ୍ୟାଦି ଘଟୁଥିଲେ ତାହା ପରିଭ୍ରମଣ ପାଇଁ ଅନୁପଯୁକ୍ତ ହୋଇଥାଏ ।

୩-ଛାତ୍ରଛାତ୍ରୀଙ୍କ ସଂଖ୍ୟା- ତୁମ ଯୋଜନାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ଅଣଦେଖା କରାଯାଇ ନପାରେ । କେତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ପରିଭ୍ରମଣରେ ନିଆଯିବ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ । ତୁମେ ଏକାକୀ ପିଲାମାନଙ୍କୁ ବାହାରକୁ ନିଅ କି ?

**ନିଜ ଅଗ୍ରଗତି ଆକଳନ-୪**

୧-କର୍ମ ଶିକ୍ଷା କ୍ରିୟାକଳାପ ଆୟୋଜନରେ ସମୟ ଆବଣ୍ଟନ କହିଲେ ତୁମେ କ'ଣ ବୁଝ ?

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

୨-ଅଷ୍ଟମ ଶ୍ରେଣୀ ପାଇଁ ଶୀତ ଅବକାଶ ସମୟର ଯେକୌଣସି ତିନିଟି କ୍ରିୟାକଳାପ ଲେଖ ?

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

୩- କର୍ମ ଶିକ୍ଷା ସଂକ୍ରାନ୍ତ କ୍ରିୟାକଳାପ ଆୟୋଜନ ବେଳେ ତୁମକୁ କେଉଁ ସବୁ କାରକଗୁଡ଼ିକୁ ଧ୍ୟାନରେ ରଖିବାକୁ ହେବ ? ଯେକୌଣସି ଚାରିଟି କ୍ରିୟାକଳାପ ଉଲ୍ଲେଖ କର ।

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

## ୧୩.୪. ବିଭିନ୍ନ ଶ୍ରେଣୀ ପାଇଁ କର୍ମ ଶିକ୍ଷା ଅଧିବେଶନର ଯୋଜନା

କର୍ମ ଶିକ୍ଷା ସମ୍ବନ୍ଧିତ କ୍ରିୟାକଳାପ ପାଇଁ ଯୋଜନା କଲା ବେଳେ ନିମ୍ନଲିଖିତ ବିନ୍ଦୁଗୁଡ଼ିକ ପ୍ରତି ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ-

-ନିଜସ୍ୱ ମତାମତ ରଖିବାକୁ ପିଲାମାନଙ୍କୁ ସୁଯୋଗ ପ୍ରଦାନ କରିବା ।

-ଆଗ୍ରହ ପରିପ୍ରକାଶ ଓ ପରିବେଷ୍ଟନୀକୁ ପର୍ଯ୍ୟବେକ୍ଷଣ କରିବା ପାଇଁ ସୁଯୋଗ ପ୍ରଦାନ କରିବା ।

-ସେମାନଙ୍କ ନିୟମିତ କାର୍ଯ୍ୟକୁ ଠିକ୍‌ଭାବେ ସମ୍ପାଦନ କରିବାରେ ସାହାଯ୍ୟ କରିବା ।

-ପରିବେଶ ସଂରକ୍ଷଣ ନିମନ୍ତେ ସଚେତନତା ସୃଷ୍ଟି କରିବା ।

-ବିଭିନ୍ନ କ୍ରିୟାକଳାପ ଜରିଆରେ ଅର୍ଜନ କରିଥିବା ଅଭିଜ୍ଞତାକୁ ଏକତ୍ରିତ କରିବାରେ ସାହାଯ୍ୟ କରିବା ।

-ଦୈନନ୍ଦିନ ସମସ୍ୟା ସମାଧାନ ପାଇଁ ଆବଶ୍ୟକ ମୌଳିକ ଦକ୍ଷତା ହାସଲ ନିମନ୍ତେ ପିଲାମାନଙ୍କୁ ସାହାଯ୍ୟ କରିବା ।

-ଅନ୍ୟମାନଙ୍କୁ ସାହାଯ୍ୟ କରିବା ଓ ସମୂହରେ ବସବାସ କରିବା ପାଇଁ ସକାରାତ୍ମକ ମନୋଭାବ ସୃଷ୍ଟି କରିବା ।

### ୧୩.୪.୧ ମୌଳିକ ଆବଶ୍ୟକତା ପୂରଣ ସମ୍ବନ୍ଧିତ କ୍ରିୟାକଳାପ

ନିମ୍ନଲିଖିତ କାର୍ଯ୍ୟକ୍ରମଗୁଡ଼ିକୁ ଏହି କ୍ଷେତ୍ର ଅନ୍ତର୍ଭୁକ୍ତ କରାଯାଇ ପାରେ-

ଟିପ୍ପଣୀ

**୧-ସ୍ୱାସ୍ଥ୍ୟ ଓ ପରିମଳ:-**

ବ୍ୟକ୍ତିଗତ ପରିମଳ, ପରିଚ୍ଛନ୍ନତା ଏବଂ ଦୈନନ୍ଦିନ ଜୀବନରେ ଆବଶ୍ୟକ ସାମଗ୍ରୀର ରକ୍ଷଣାବେକ୍ଷଣ ବିଷୟରେ ସଚେତନତା ।

-ବହି ଓ ଖାତା ବନ୍ଧେଇ କରିବା

-ବିଦ୍ୟାଳୟରେ ଓ ଗୃହ ପରିଚ୍ଛନ୍ନ ରଖିବା

-ମରାମତି କାର୍ଯ୍ୟ, ବହି ଥାକ, ଗାଲିଚା, ପ୍ରାଚୀର ପତ୍ର, କ୍ୟାଲେଣ୍ଡର, ଚାର୍ଟ ପେପର ବା ଅନ୍ୟାନ୍ୟ ଚିତ୍ରର ରକ୍ଷଣାବେକ୍ଷଣ

**୨- ଖାଦ୍ୟ ଓ କୃଷି-**

-ବିଭିନ୍ନ ପ୍ରକାରର ମଞ୍ଜି, ଜଙ୍ଗଲଜାତ ଦ୍ରବ୍ୟ, ଖତ ଏବଂ ମୃର୍ତ୍ତିକା ଚିହ୍ନଟ କରିବା ।

-କୃଷିକାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଉପକରଣ, କୃଷିଜାତ ଦ୍ରବ୍ୟ ଓ ଖତସାର ଚିହ୍ନଟ

-କମ୍ପୋଷ୍ଟ ଖତ ପ୍ରସ୍ତୁତି. ଫୁଲ ପ୍ରସ୍ତୁତି, ଚାରାଗଛ, ଉତ୍ତମ ମଞ୍ଜି ଚିହ୍ନଟ, ମଞ୍ଜି ବୁଣିବା ଇତ୍ୟାଦି

-ଗଛର ଯତ୍ନ ଓ ରକ୍ଷଣାବେକ୍ଷଣ

-ଖାଦ୍ୟ ଓ ଫଳ ସଂରକ୍ଷଣ

-ଚା', କଫି ଏବଂ ଜଳଜୀରା ଇତ୍ୟାଦି ପ୍ରସ୍ତୁତି

-ସର୍ବତ ଓ ଆଚାର ପ୍ରସ୍ତୁତି

-ମାଠିଆ, ମାଟି ହାଣ୍ଡି ଓ ଦାନି ସାହାଯ୍ୟରେ କୁଲର୍ ତିଆରି

-ପ୍ଲାଷ୍ଟିକ୍, ଝୋଟ ଓ ଦଉଡ଼ି ଜରିଆରେ ଝୁଲଣା ପ୍ରସ୍ତୁତି ।

୩-**ବାସଗୃହ-**

ମୋଜା ସାହାଯ୍ୟରେ ବଟଲ୍ ବ୍ରସ୍, ବାସନକୁସନ ପରିଷ୍କାର କରିବା ପାଇଁ ଘାସ, ନଡ଼ିଆକତା, ଜହ୍ନି ଚୋପା, ପତଳା ତାର ଏବଂ ଜାଲ ଇତ୍ୟାଦି ଜରିଆରେ ବାସନମଜା ପ୍ରସ୍ତୁତି ।

-ବହିଥାକ, ଟେବୁଲ୍, ଚଉକି, ଷ୍ଟୁଲ୍, ଖଟ ବା ଟ୍ୟାପ୍ ଇତ୍ୟାଦି ମରାମତି

**୪-ପୋଷାକ-**

-ଟେଲିଭିଜନ୍ ଓ ବାକ୍ସ ପାଇଁ ଖୋଳ(କଭର୍) ପ୍ରସ୍ତୁତି

-କଣ୍ଢେଇ ଓ କାଠକଣ୍ଢେଇ ତିଆରି ଶିଖିବା

-ବଳକା ଉଲ୍, ଝୋଟ ଓ କପଡ଼ା ଜରିଆରେ ପାପୋଛ, ଆସନ ଇତ୍ୟାଦି ପ୍ରସ୍ତୁତି

୧୩.୪.୨ **ପରିବେଷ୍ଟନୀ ସୌନ୍ଦର୍ଯ୍ୟକରଣ ସମ୍ବନ୍ଧିତ କ୍ରିୟାକଳାପ**

**୧-ଅତ୍ୟାବଶ୍ୟକ ସାମଗ୍ରୀ ପ୍ରସ୍ତୁତି-**

କଲମ, ପେନ୍ସିଲ୍ ଧାରକ (ହୋଲ୍ଡର) ତିଆରି, ପିନ୍ ଧାରକ, ଚିଠି ବାକ୍ସ ବା ବିଞ୍ଚଣା ତିଆରି

-ମୁଖା ପ୍ରସ୍ତୁତି

-ବିଦ୍ୟାଳୟରେ ପ୍ରଦର୍ଶନ ବୋର୍ଡ଼ ତିଆରି ପାଇଁ ସାମଗ୍ରୀ ପ୍ରସ୍ତୁତି

-ଭଙ୍ଗା କାଚଚୁଡ଼ି ବା ଯେକୌଣସି ସାମଗ୍ରୀ ଜରିଆରେ ମାଟି ବାସନକୁସନ ସଜେଇବା

-ମାଟି ଖେଳଣା ତିଆରି

**୨-ସାଜସଜ୍ଜା ପାଇଁ ସାମଗ୍ରୀ ପ୍ରସ୍ତୁତି-**

-କପଡ଼ା ପଟି, ପତଳା ରଙ୍ଗୀନ ପଟି, ସରୁ ତାର, ମୋତି ଓ ସୂତା ଇତ୍ୟାଦି ଜରିଆରେ ଫୁଲ ତିଆରି

-ମାଟିପାତ୍ର ସାଜସଜ୍ଜା

-ବିଭିନ୍ନ ପ୍ରକାର ମାଟି ଖେଳଣା, ପକ୍ଷୀ, ପ୍ରାଣୀ ଇତ୍ୟାଦି ତିଆରି କରିବା

-ଝୋଟ ଦଉଡ଼ି, ଦଉଡ଼ି, ପ୍ଲାଷ୍ଟିକ୍ ସୂତା ସାହାଯ୍ୟ ସାଜସଜ୍ଜା ଉପକରଣ ତିଆରି କରିବା

-ପୁରୁଣା ଉଲ୍‌ରୁ ମସିଣା(ଗାଲିଚା) ତିଆରି

-ବାଉଁଶ ଜରିଆରେ ଫୁଲଦାନୀ ତିଆରି

୧୩.୪.୩ **ସାମାଜିକ ସେବା ସମ୍ବନ୍ଧିତ କ୍ରିୟାକଳାପ-**

-ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିବା

-ଉତ୍ସବ ଓ କାର୍ଯ୍ୟକ୍ରମ ସମୟରେ ସାଜସଜ୍ଜାରେ ଅଂଶଗ୍ରହଣ କରିବା

-କ୍ଷମତା ଅନୁସାରେ ବିଦ୍ୟାଳୟ ପରିସର ପରିଷ୍କାର ପରିଚ୍ଛନ୍ନ କରିବାରେ ସାମିଲ ହେବା

-ଭିନ୍ନକ୍ଷମ (ଦିବ୍ୟାଙ୍ଗ) ଲୋକଙ୍କୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟରେ ସାହାଯ୍ୟ କରିବା

୧୩.୪.୪ **ସାଂସ୍କୃତିକ ଐତିହ୍ୟ ଓ ଜାତୀୟ ସଂହତି ସମ୍ପର୍କିତ କ୍ରିୟାକଳାପ**

-ବିଭିନ୍ନ ରାଜ୍ୟର ଲୋକଙ୍କ ଖାଦ୍ୟାଭ୍ୟାସ ଓ ଜୀବନ ଶୈଳୀକୁ ଜାଣିବା

-ବିଭିନ୍ନ ସ୍ଥାନର ହସ୍ତକଳା ସମ୍ପର୍କରେ ସୂଚନା ସଂଗ୍ରହ କରିବା

-ବିଭିନ୍ନ ବାଦ୍ୟଯନ୍ତ୍ର ଓ ନୃତ୍ୟର ଛବି ସଂଗ୍ରହ କରିବା

-ଜାତୀୟ ସମାରୋହ ଯଥା-ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ପାଳନ କରିବା ଓ ସେଗୁଡ଼ିକର ଗୁରୁତ୍ୱ ଜାଣିବା

-ଜାତୀୟ ସଙ୍କେତ ଯେମିତିକି ଜାତୀୟ ପତାକା, ଜାତୀୟ ପକ୍ଷୀ ଇତ୍ୟାଦିର ଚିତ୍ରାଙ୍କନ କରିବା

୧୩.୪.୫ **ପରିବେଶ ସଚେତନତା ସମ୍ବନ୍ଧିତ କ୍ରିୟାକଳାପ**

-ପରିବେଶ ପ୍ରଦୂଷଣ ସମ୍ପର୍କିତ ଖବର ଓ ଛବି ସଂଗ୍ରହ କରିବା

-ପରିବେଶକୁ ପ୍ରଦୂଷିତ କରୁଥିବା କାରକଗୁଡ଼ିକର ଚିତ୍ର ସମ୍ବାଦ ବୋର୍ଡ଼ରେ ସ୍ଥାନିତ କରିବା

-ପରିବେଶ ପ୍ରଦୂଷଣ ସମ୍ପର୍କିତ ଶ୍ଳୋଗାନ ଲେଖିବା ଏବଂ ସେଗୁଡ଼ିକୁ ପ୍ରଦର୍ଶନ କରାଇବା

-ପରିବେଶ ପ୍ରଦୂଷଣର କ୍ଷତିକାରକ ପ୍ରଭାବକୁ ନେଇ ଚାର୍ଟ ପ୍ରସ୍ତୁତି

-ବନ ମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ

ଟିପ୍ପଣୀ

## ନିଜ ଅଗ୍ରଗତି ଆକଳନ -୫

୧-ପରିବେଶ ସୌନ୍ଦର୍ଯ୍ୟକରଣ ସମ୍ପର୍କିତ ଯେକୌଣସି ତିନିଟି କ୍ରିୟାକଳାପ ଲେଖ ।

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

୨-ଗୋଷ୍ଠୀ (ସାମାଜିକ)ସେବା ସମ୍ପର୍କିତ (ଯେକୌଣସି ତିନିଟି କ୍ରିୟାକଳାପ ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ) କ୍ରିୟାକଳାପଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

--------------------------------------------------------------------------------

## ୧୩.୫. ପ୍ରାରମ୍ଭିକ ଶ୍ରେଣୀର କର୍ମ ଶିକ୍ଷା ସମ୍ବନ୍ଧିତ ସାମଗ୍ରୀ ଚୟନ ଓ ସମନ୍ୱୟନ

କର୍ମ ଶିକ୍ଷା ଏକ ଅର୍ଥପୂର୍ଣ୍ଣ, ଉଦ୍ଦେଶ୍ୟମୂଳକ ଏବଂ କର୍ମ ଆଧାରିତ କ୍ରିୟାକଳାପ; ଯାହାର ଫଳାଫଳ ଉତ୍ପାଦ ବା ସେବା ରୂପରେ ଉପଲବ୍ଧ ହୋଇଥାଏ ବୋଲି ତୁମେ ବୁଝିପାରୁଥିବ । ସେବା ସମ୍ବନ୍ଧିତ ଫଳାଫଳ ନିମନ୍ତେ ସାମାଜିକ ପରିସ୍ଥିତି ଓ ପରିବେଷ୍ଟନୀ ସର୍ବଦା ଉପଲବ୍ଧ ହୋଇଥାଏ ମାତ୍ର ଯେତେବେଳେ କୌଣସି ବସ୍ତୁ ତିଆରି କରିବାକୁ ପଡ଼ିଥାଏ, ସେତେବେଳେ ଶିକ୍ଷକ ସେଗୁଡ଼ିକୁ ଘରୁ ଆଣିବା ପାଇଁ ପିଲାମାନଙ୍କୁ କହନ୍ତି କିମ୍ବା ବିଦ୍ୟାଳୟରୁ କିଛି ପାଣ୍ଠି ଦାବି କରନ୍ତି ।

ତୁମେ ଶ୍ରେଣୀରେ ଏମିତି କିଛି ପିଲା ଥିବେ ଯେଉଁମାନେ ଏହି ସବୁ ବସ୍ତୁ କିଣିବାକୁ ଅକ୍ଷମ । ତେଣୁ ସେମାନେ ବିଦ୍ୟାଳୟ ଯିବାକୁ କୁଣ୍ଠାବୋଧ କରିପାରନ୍ତି । ତୁମେ ନିଜକୁ ନିଜେ ପ୍ରଶ୍ନ କର ଯେ କର୍ମ ଶିକ୍ଷା ପାଇଁ ଆବଶ୍ୟକ ବସ୍ତୁକୁ ଆମେ ବଜାରରୁ କ୍ରୟ କରିବା ନା ବସ୍ତୁ ତିଆରି କରିବା । ସାମଗ୍ରୀ ଓ ଉପକରଣ ଯେମିତିକି ଚକ୍, ମହମବତୀ ତିଆରି କରିବା ପାଇଁ ଛାଂଚ ଏବଂ ରୋଷେଇ ପାଇଁ ବାସନକୁସନ ଇତ୍ୟାଦି ବିଦ୍ୟାଳୟ ଦ୍ୱାରା କ୍ରୟ କରାଯାଇ ପାରେ । ମାତ୍ର ବିଦ୍ୟାଳୟ ଏହିସବୁ ସାମଗ୍ରୀ କ୍ରୟ କରିବାକୁ ଅକ୍ଷମତା ପ୍ରକାଶ କଲେ ଏସବୁକୁ ସମାଜର ସହଯୋଗ ଜରିଆରେ ସଂଗ୍ରହ କରାଯାଇପାରେ । ତଥାପି ଏହା ଅସମ୍ଭବ ହେଲେ ଆମେ ଅନ୍ୟ କ୍ରିୟାକଳାପ ସମ୍ପର୍କରେ ଚିନ୍ତା କରିବା ଜରୁରୀ ନୁହେଁ । ତୁମେ ଭଲଭାବରେ ଜାଣିଛ ଯେ କର୍ମ ଶିକ୍ଷାରେ ସମ୍ପାଦିତ ହେବାକୁ ଥିବା କ୍ରିୟାକଳାପଗୁଡ଼ିକ ପ୍ରସ୍ତାବନାମୂଳକ ଓ ପରାମର୍ଶ ମାତ୍ର ନୈଦାନିକ ନୁହେଁ । ତେଣୁ, ତୁମେ ନିଷ୍ପତ୍ତି ନିଅ ଏବଂ ଯେଉଁସବୁ ସାମଗ୍ରୀ ଓ ଉପକରଣ ସହଜରେ ଉପଲବ୍ଧ ହୋଇପାରିବ ସେସବୁକୁ ବାଛ ।

ତୁମେ କେବେ ଭାବିଛ କି ବିଭିନ୍ନ ପ୍ରକାର ବସ୍ତୁ/ସାମଗ୍ରୀ ତୁମ ଆଖପାଖରେ ଉପଲବ୍ଧ ? ତୁମେ ସେହିସବୁ ସାମଗ୍ରୀ ବ୍ୟବହାର କରିବାକୁ ଯୋଜନା କରିଛ କି ? ତୁମ ଆଖପାଖରେ ମିଳୁଥିବା ବସ୍ତୁ ଓ ସାମଗ୍ରୀର ଏକ ତାଲିକାପ୍ରସ୍ତୁତ କର ଏବଂ ଅନ୍ୟତ୍ର ବସବାସ କରୁଥିବା ସହକର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ତାଲିକା ସହ ଏହାକୁ ତୁଳନା କର । ପ୍ରତ୍ୟେକ ତାଲିକାରେ କିଛି ନୂଆ ସାମଗ୍ରୀ ରହିଥିବା ତୁମେ ଲକ୍ଷ୍ୟ କରିପାରିବ । ସଂଗୃହୀତ ସାମଗ୍ରୀଗୁଡ଼ିକୁ ତିନିଟି ବର୍ଗରେ ବିଭକ୍ତ କରାଯାଇପାରେ:-

୧-ପ୍ରକୃତିରୁ ସହଜରେ ମିଳୁଥିବା ସାମଗ୍ରୀ

୨-ବର୍ଜ୍ୟ ବସ୍ତୁ

୩-କମ୍ ମୂଲ୍ୟର ସାମଗ୍ରୀ

**ପ୍ରକୃତିରୁ ସହଜରେ ଉପଲବ୍ଧ ସାମଗ୍ରୀ**

ଚାରାଗଛ, ବାଉଁଶ, ପତ୍ର, ମଞ୍ଜି, ଫଳ, ବୃକ୍ଷ, ଡାଳ, ଗଛ ବକଳ, ଝୋଟ, ନଡ଼ିଆ ସଢ଼େଇ, ନଡ଼ିଆ ତନ୍ତୁ, ବାଲି, ମାଟି, ପଥର, ପାଣି, ଅଠା, ଲିମ୍ବ, ଲାଖ ଇତ୍ୟାଦି ।

**ବର୍ଜ୍ୟ ସାମଗ୍ରୀ**

ଖାଲି ବାକ୍ସ, ପର, କାଠ ଓ କଠିନ ବୋର୍ଡ଼ରେ ତିଆରି ବାକ୍ସ, ବ୍ୟବହୃତ ଫୋମ୍, ସ୍ପଞ୍ଜ, ଜୋତା ଖୋଳ, ଖାଲି ଦିଆସିଲି ଖୋଳ, ପୋଛା କପଡ଼ା ବା ପାପୋଛ, ପୁରୁଣା କମ୍ବଳ, ପୁରୁଣା ମସିଣା, ପୁରୁଣା ଖବରକାଗଜ, ପୁରୁଣା ପତ୍ରିକା, ବ୍ୟବହୃତ ପ୍ଲାଷ୍ଟିକ୍ ଥଳି, ମୃଦୁପାନୀୟ ଠିପି, ବ୍ୟବହୃତ ପ୍ଲାଷ୍ଟିକ୍ କପ୍, ପତଳା ତାର, ମୋଟା ତାର, ଦାନ୍ତଘସା ପେଷ୍ଟର ଠିପି, ଅଦରକାରୀ କଲମ, ପୁରୁଣା ବ୍ଲେଡ୍, ପୁରୁଣା ପୋଷ୍ଟକାର୍ଡ଼, ଅଭିନନ୍ଦନ ପତ୍ର, ପୁରୁଣା ଟିକେଟ, ପୁରୁଣା ଖୋଳ/ଲଫାପା, ସୂତା, କର୍କ, ବୋତାମ, ଚେନ୍, ସାଇକଲ୍ ଟ୍ୟୁବ୍, ଆଇସ୍‌କ୍ରୀମ୍ ଚାମଚ, ଅଣ୍ଡା ଖୋଳପା, ପୁରୁଣା ଝାଡ଼ୁ, ପୁରୁଣା ପାଛିଆ, ବ୍ୟବହୃତ ବୋତାମ ଇତ୍ୟାଦି ।

**କମ୍ ମୂଲ୍ୟର ସାମଗ୍ରୀ**

ସରଳ ତଥା ଦରକାରୀ ଉପକରଣ, କଇଁଚି, ଛୁରୀ, ସ୍କେଲ୍, ଟେପ୍, ଅଠା, ମହମବତୀ, କପଡ଼ା, ଇଞ୍ଚଟେପ୍, ୱାସର୍, କଣ୍ଟା, ସ୍କ୍ରୁ, ସୂତା, କାଠ ଖଣ୍ଡ, ବ୍ରସ୍, ରଙ୍ଗ, ମେହେନ୍ଦୀ, ବିଭିନ୍ନ ପ୍ରକାର କାଗଜ, ରେକ୍ସିନ୍, ତାର, ରବର ଇତ୍ୟାଦି ।

ଦୟାକରି ଏହି ତାଲିକାକୁ ଯତ୍ନର ସହ ପର୍ଯ୍ୟବେକ୍ଷଣ କର । ତୁମେ ଲକ୍ଷ୍ୟ କରିବ ଯେ ଏହି ସମସ୍ତ ସାମଗ୍ରୀ ଆମ ଚତୁପାର୍ଶ୍ୱରେ ଉପଲବ୍ଧ । ଏହି ସବୁ ସାମଗ୍ରୀ ପାଇଁ ଆମକୁ କୌଣସି ସ୍ଥାନକୁ ଯିବାକୁ ପଡ଼ିବ ନାହିଁ । ତୁମ ତାଲିକା ଏହି ତାଲିକାଠାରୁ ବଡ଼ ହୋଇପାରେ । ଯଦି ତୁମେ ଛାତ୍ରଛାତ୍ରୀଙ୍କୁ ଏହିସବୁ ସାମଗ୍ରୀ ବିଦ୍ୟାଳୟକୁ ଆଣିବା ପାଇଁ କହିବ, ତେବେ ସେମାନେ ଏହି କାର୍ଯ୍ୟକୁ ଆଗ୍ରହର ସହ ସମ୍ପାଦନ କରିବେ । ଏହି ସବୁ ସାମଗ୍ରୀର ଏକ ତାଲିକା ପ୍ରସ୍ତୁତ କର ଏବଂ ସଂଗୃହୀତ ସାମଗ୍ରୀର ସବିଶେଷ ବିବରଣୀ ଯଥା- କେଉଁ ବସ୍ତୁ ସଂଗୃହୀତ ହୋଇଛି, କେବେ ସଂଗୃହୀତ ଏବଂ କିଏ ଏହାକୁ ସଂଗ୍ରହ କରିଛନ୍ତି ଇତ୍ୟାଦି । ଯେତେବେଳେ କୌଣସି ପିଲା ସହଜରେ ଉପଲବ୍ଧ ହେଉନଥିବା ସାମଗ୍ରୀ ଆଣିଥାଏ, ସେହି ପିଲାକୁ ପ୍ରଭାତ ସଭାରେ ସମ୍ମାନିତ କର । ତୁମେ ମଧ୍ୟ ଧ୍ୟାନ ଆକର୍ଷଣକାରୀ ଶ୍ଳୋଗାନ ଯଥା- 'ସପ୍ତାହର ଆନନ୍ଦଦାୟକ ସାମଗ୍ରୀ' ଲେଖି ପାରିବ । ଏହା ବିଭିନ୍ନ ସାମଗ୍ରୀ ସଂଗ୍ରହ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବ । ଏହା ମଧ୍ୟ ପିଲାଙ୍କଠାରେ ସକାରାତ୍ମକ ମନୋଭାବ ବିକଶିତ କରାଇବ ।

୧ -ବିଜ୍ଞାନସମ୍ମତ

୨-ବ୍ୟବସ୍ଥିତ ଭାବରେ ସାମଗ୍ରୀଗୁଡ଼ିକୁ ରଖିବା

୩-ଚତୁପାର୍ଶ୍ୱର ପରିବେଷ୍ଟନୀକୁ ପର୍ଯ୍ୟବେକ୍ଷଣ କରିବାର ଦକ୍ଷତା ବିକାଶ କରିବା ।

ସଂଗୃହୀତ ସାମଗ୍ରୀକୁ କିପରି ଉପଯୁକ୍ତ ଭାବରେ ବ୍ୟବହାର କରାଯାଇ ପାରିବ ଏବେ ଚିନ୍ତା କରିବା ଆବଶ୍ୟକ ।

ଯୋଜନା ପରେ ଆୟୋଜିତ କ୍ରିୟାକଳାପଗୁଡ଼ିକ ପିଲାମାନଙ୍କୁ ଶିକ୍ଷଣର ଅନେକ ଆକର୍ଷଣୀୟ ସୁଯୋଗ ପ୍ରଦାନ କରେ । ନିଷ୍ପତ୍ତି ନେବା ପୂର୍ବରୁ ସଂଗୃହୀତ ସାମଗ୍ରୀରୁ ସେମାନେ କେଉଁ ବସ୍ତୁ ତିଆରି କରିପାରିବେ ପିଲାମାନଙ୍କୁ ପଚାର । ସମ୍ପୃକ୍ତ ସାମଗ୍ରୀର ଉତ୍ସ ଓ ବ୍ୟବହାର ସମ୍ପର୍କରେ ଆଲୋଚନା କର । ଏହି ଆଲୋଚନା ଜରିଆରେ ଯେକେହି ପରିବେଶ ଅଧ୍ୟୟନ ଓ ବିଜ୍ଞାନ ବିଷୟରେ କହିପାରିବେ । ସେହି ସମୟରେ ସେହି ସମଗ୍ରୀର ଅନ୍ୟ ସମସ୍ତ ବ୍ୟବହାର ବିଷୟରେ ମଧ୍ୟ ଆଲୋଚନା କରିହେବ ।

ତୁମେ ଜାଣିଛ ଯେ ଗୋଟିଏ ପ୍ରକାର ସାମଗ୍ରୀରୁ ଅନେକ ବସ୍ତୁ/ଜିନିଷ ପ୍ରସ୍ତୁତ କରାଯାଇ ପାରେ । ବିଭିନ୍ନ ବିଦ୍ୟାଳୟରୁ

ସଂଗୃହୀତ ତାଲିକା ନିମ୍ନରେ ପ୍ରଦାନ କରାଯାଇଛି; ଯେଉଁଥିରେ ସମାନ ସାମଗ୍ରୀରୁ ପ୍ରସ୍ତୁତ ଭିନ୍ନଭିନ୍ନ ପ୍ରକାର ବସ୍ତୁ ଉଲ୍ଲେଖ ରହିଛି ।

## ୧୩.୬. ସାମଗ୍ରୀ ଓ ଉପକରଣର ମହଜୁଦୀକରଣ ଓ ପରିଚାଳନା

ତୁମର ନିଶ୍ଚୟ ଅଭିଜ୍ଞତା ଥିବ ଯେ ବିଭିନ୍ନ ପ୍ରକାର ମୂଲ୍ୟବାନ ଦରକାରୀ ଉପକରଣ ଗବେଷଣାଗାରରେ ବିଶେଷକରି ସରକାରୀ ବିଦ୍ୟାଳୟରେ ଉପଲବ୍ଧ ଥାଏ । ବ୍ୟବହାର ହେବାକୁ ଥିବା ସାମଗ୍ରୀ ନିଅଣ୍ଟ ନୁହେଁ, ତଥାପି ନିମ୍ନଲିଖିତ କାରଣ ପାଇଁ ପିଲାମାନେ ବ୍ୟାବହାରିକ କାର୍ଯ୍ୟ ସମ୍ପାଦନ କରିବାରେ ଅକ୍ଷମ ହୋଇଥାନ୍ତି:-

-ଉପକରଣଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟ ନକଲେ

-ସାମଗ୍ରୀ ନିମ୍ନ ମାନର ହୋଇଥିଲେ

ତୁମେ କେବେ ଏହାର କାରଣ ବିଷୟରେ ଚିନ୍ତା କରିଛ କି ?

ତୁମେ ଠିକ୍ ମାର୍ଗରେ ଚିନ୍ତା କରୁଛ । ଏହାର ଏକମାତ୍ର କାରଣ ହେଲା, ନା ଉପକରଣଗୁଡ଼ିକର ଉପଯୁକ୍ତ ଭାବରେ ରକ୍ଷଣାବେକ୍ଷଣ କରାଯାଇଛି, ନା ସେଗୁଡ଼ିକ ବ୍ୟବହୃତ ହୋଇଛି । ଏଠାରେ ଚିନ୍ତା କରିବାର ଆବଶ୍ୟକତା ରହିଛି ଯେ ସେମାନଙ୍କର ସାମଗ୍ରୀ ଓ ଉପକରଣ ଆମର ଏବଂ ଆମ ଘରେ ଆମେ ଯେଉଁ ଭାବନା ଓ ଦକ୍ଷତାର ସହ ଆମ ସାମଗ୍ରୀ ପରିଚାଳନା କରୁ ଏଠାରେ ମଧ୍ୟ ସାମଗ୍ରୀର ଯତ୍ନ, ପରିଚାଳନା ଓ ମହଜୁଦୀକରଣ ସେହି ଭାବନାରେ କରାଯିବା ଉଚିତ ।

ଉଲ୍ଲେଖନୀୟ କଥା ହେଲା, କର୍ମ ଶିକ୍ଷା ନିମନ୍ତେ କ୍ରୟ କରାଯାଇଥିବା ଉପକରଣର ଏକ ତାଲିକା ପ୍ରସ୍ତୁତ କର ଏବଂ ଉପଯୁକ୍ତ ସ୍ତମ୍ଭ ଅନୁସାରେ ସମ୍ଭାର ଖାତାରେ ତାହାକୁ ଲିପିବଦ୍ଧ କର । ପରିଚାଳନା ନିମନ୍ତେ କେବଳ ଏତିକି ପର୍ଯ୍ୟାପ୍ତ ନୁହେଁ ନିମ୍ନ ଲିଖିତ ବିନ୍ଦୁଗୁଡ଼ିକୁ ମଧ୍ୟ ଧ୍ୟାନରେ ରଖିବାକୁ ପଡ଼ିବ ।

୧-ଆବଶ୍ୟକତା ଅନୁସାରେ ସାମଗ୍ରୀ ଓ ଉପକରଣ ସଂଗ୍ରହକୁ ସୁଗମ କରାଅ । ଏହାକୁ ସୁଗମ କରାଇବା ଅର୍ଥ ସାମଗ୍ରୀ ଓ ଉପକରଣ ବ୍ୟବହାରରେ କୌଣସି ଦ୍ୱିଧା ରହିବା ଉଚିତ ନୁହେଁ । ଅଧିକାଂଶ ବିଦ୍ୟାଳୟରେ ଅନେକ ସାମଗ୍ରୀ ବ୍ୟବହୃତ ହୁଏନାହିଁ, ଫଳରେ ସେଗୁଡ଼ିକ ନଷ୍ଟ ହୋଇଯାଏ । ଅଧିକାଂଶ ଉପକରଣ ବ୍ୟବହାର ନହେବା କାରଣରୁ ଅଦରକାରୀ ହୋଇପଡ଼େ । ଏମିତି ତୁମେ ନକରିବା ଆଶା କରାଯାଏ ।

୨-ଛାତ୍ରଛାତ୍ରୀଙ୍କୁ ସେଗୁଡିକ ପ୍ରଦାନ କରାଯିବା ସମୟରେ ସେସବୁକୁ ଯତ୍ନର ସହ ବ୍ୟବହାର କରିବା ପାଇଁ ସୂଚନା ପ୍ରଦାନ କରାଯିବା ଉଚିତ ।

୩-ଏଗୁଡ଼ିକୁ ତୂଳା ବା ପୁରୁଣା କପଡ଼ା/ପୋଛା କପଡ଼ାରେ ସଫା କରାଯାଇ ରଖାଯିବା / ପ୍ୟାକିଂ କରାଯିବା ଉଚିତ ।

୪-ସାମଗ୍ରୀ ଓ ଉପକରଣ ଗଚ୍ଛିତ ରଖାଯାଉଥିବା ସ୍ଥାନର ଯତ୍ନନେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସାମଗ୍ରୀ ଓ ଉପକରଣ ରଖାଯାଉଥିବା ସ୍ଥାନ ଯଥା-ଆଲମାରୀ, ବାକ୍ସ, ଟେବୁଲ୍ ଇତ୍ୟାଦି ପରିଷ୍କାର ଅଛି ନା ନାହିଁ ତୁମେ ଦେଖିବା ଉଚିତ । ଧୂଳି ପରିଷ୍କାର କରିବା ନିତାନ୍ତ ପ୍ରୟୋଜନ ।

୫- କୌଣସି କାରଣ ପାଇଁ ଉପକରଣଗୁଡ଼ିକ ବ୍ୟବହୃତ ହେଉନଥିଲେ ମଧ୍ୟ ଏହାକୁ ସମୟକୁ ସମୟ ପରିଷ୍କାର କରାଯିବା ଉଚିତ । ଆବଶ୍ୟକ ଅନୁସାରେ ସେଗୁଡ଼ିକୁ ସୂର୍ଯ୍ୟ କିରଣରେ ରଖିବା ବିଧେୟ ।

୬-କେତେକ ଉପକରଣକୁ ତୈଳାକ୍ତ କରିବା ଆବଶ୍ୟକ । ଏଣୁ ଉପଯୁକ୍ତ ସମୟରେ ଉପଯୁକ୍ତ ପରିମାଣର ତେଲ ଦିଆଯିବା ନିଶ୍ଚିତ କର ।

୭-ସାଧାରଣତଃ ଏହା ଦେଖାଯାଏ ଯେ କୌଣସି ଉପକରଣରେ ସାମାନ୍ୟ ତ୍ରୁଟି ଥିଲେ ତାହାକୁ ଅଦରକାରୀ ଘୋଷଣା

ଟିପ୍ପଣୀ

କରାଯାଏ । ତୁମେ ଏହି ଧାରାରୁ ଦୂରେଇ ରହିବା ଉଚିତ । ଏହାର ପୁନଃ ବିନିଯୋଗ କରାଯିବା ବା ଫୋପାଡ଼ି ଦେବା ସଂକ୍ରାନ୍ତରେ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ହିଁ ତୁମେ ନିଷ୍ପତ୍ତି ନେବା ଉଚିତ ।

୮-ସାମାନ୍ୟ ତ୍ରୁଟିର ମରାମତି ଦକ୍ଷତା ତୁମେ ହାସଲ କରିବା ଆଶା କରାଯାଏ ଏବଂ ସେହି କୌଶଳକୁ ତୁମେ ତୁମ ପିଲାମାନଙ୍କୁ ମଧ୍ୟ ଶିଖାଇବା ଉଚିତ; ଯାହା ଫଳରେ ସେମାନେ ଆବଶ୍ୟକ ସମୟରେ ଉପକରଣର ମରାମତି କରିବାକୁ ସକ୍ଷମ ହୋଇପାରିବେ ।

**ନିଜ ଅଗ୍ରଗତି ଆକଳନ -୭**

କର୍ମ ଶିକ୍ଷାରେ ବ୍ୟବହୃତ ସାମଗ୍ରୀ ସଂକ୍ରାନ୍ତରେ ନିମ୍ନରେ ପ୍ରଦତ୍ତ ଠିକ୍ ଉକ୍ତିଗୁଡ଼ିକ ପାର୍ଶ୍ୱରେ ଠିକ୍  ଚିହ୍ନ ଦିଅ:

୧-ଏହା ଅତ୍ୟାବଶ୍ୟକ ଯେ କର୍ମ ଶିକ୍ଷା ଅଧୀନରେ ବ୍ୟାବହାରିକ କାର୍ଯ୍ୟ ନିମନ୍ତେ ଅନେକ ଉପକରଣ ଓ ସାମଗ୍ରୀ କ୍ରୟ କରାଯିବା ଉଚିତ ।( )

୨-ପରିବେଶରେ ଉପଲବ୍ଧ ସାମଗ୍ରୀ ଖୋଜିବା ଏବଂ ଏହାକୁ ଶ୍ରେଣୀକକ୍ଷରେ ବ୍ୟବହାର କରିବା ସୃଜନଶୀଳତାର ଏକ ନମୁନା ଅଟେ ।( )

୩- ଯଦି ବିଦ୍ୟାଳୟ ବ୍ୟବସ୍ଥା ସାମଗ୍ରୀ କ୍ରୟନକରିବ, ତେବେ ବ୍ୟାବହାରିକ କାର୍ଯ୍ୟ ବାତିଲ କରାଯିବା ଉଚିତ ।( )

୪-ଏହା ଗୁରୁତ୍ୱପୂର୍ଣ୍ଣ ଯେ ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ସେସବୁକୁ ପିଲାମାନଙ୍କୁ ଦିଆଯିବା ଅନୁଚିତ ।( )

୫-ସୂକ୍ଷ୍ମ ବୈଷୟିକ ସମସ୍ୟା ପାଇଁ କେବଳ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ ।( )

## ୧୩.୭. ଅଭିଜ୍ଞତା ପ୍ରଦାନ ଓ ପାଠ୍ୟକ୍ରମର ବିଭିନ୍ନ ବିଷୟ ସମନ୍ୱୟନର ପଦ୍ଧତି

୧୯୬୪-୬୬ ଆୟୋଗ ଶିକ୍ଷାର ଶୈକ୍ଷିକ ସ୍ୱରୂପରେ ବଡ଼ ଧରଣର ପରିବର୍ତ୍ତନ ଆବଶ୍ୟକ ଥିବା ଅନୁଭବ କରିଥିଲେ । ଗାନ୍ଧିଜୀ ମଧ୍ୟ ଫଳପ୍ରଦ କର୍ମକୁ ଶିକ୍ଷା ପ୍ରକ୍ରିୟାରେ ଶିକ୍ଷାର ମାଧ୍ୟମ ଭାବରେ ବାଧ୍ୟତାମୂଳକ ସାମିଲ ନିମନ୍ତେ କହିଥିଲେ । ତାଙ୍କ ଅନୁସାରେ, ସମସ୍ତ ବିଷୟ ଯଥା- ଗଣିତ, ବିଜ୍ଞାନ, ପରିବେଶ ବିଜ୍ଞାନ, ଇତିହାସ, ଭୂଗୋଳ ଏବଂ ନାଗରିକ ବିଜ୍ଞାନ ଇତ୍ୟାଦି ବଢ଼େଇ କାର୍ଯ୍ୟ, ରାଜମିସ୍ତ୍ରୀ କାର୍ଯ୍ୟ, କୃଷିକାର୍ଯ୍ୟ, ମୁଦ୍ରଣ ଏବଂ ଅନ୍ୟାନ୍ୟ ଫଳପ୍ରଦ କାର୍ଯ୍ୟ ଜରିଆରେ ଶିକ୍ଷାଦାନ କରାଯିବା ଉଚିତ । କର୍ମକୁ ସୁଦୂର ସାମାଜିକ ପରିବର୍ତ୍ତନର ଶୈକ୍ଷିକ ପ୍ରକ୍ରିୟା ସହିତ ଯୋଡ଼ିବାକୁ ସେ କହିଥିଲେ । ଏହାର ଅର୍ଥ ଯେକୌଣସି ବସ୍ତୁ/ଘଟଣା/କାର୍ଯ୍ୟକ୍ରମ ସମ୍ପର୍କରେ ପୃଥକ ଭାବରେ ତତ୍ତ୍ୱମୂଳକ ଜ୍ଞାନ ଶିକ୍ଷାଦାନ କରିବା ପରିବର୍ତ୍ତେ ଏହାକୁ କାର୍ଯ୍ୟ ଜରିଆରେ ବ୍ୟାଖ୍ୟା କରାଯିବା ଉଚିତ । ଏହି ସତ୍ୟକୁ ବୁଝିବା ପାଇଁ ଗାନ୍ଧିଜୀଙ୍କର ପରବର୍ତ୍ତୀ ଉକ୍ତିକୁ ଧ୍ୟାନ ଦିଅ ।

"…..ଜଣେ ବ୍ୟକ୍ତିର ବୌଦ୍ଧିକ ବିକାଶ ସହ ବୃତ୍ତିଗତ ଓ ହସ୍ତଶିଳ୍ପର ବିକାଶ ଆମର ଉଦ୍ଦେଶ୍ୟ ଅଟେ । ତେଣୁ, କେବଳ ବୃତ୍ତିଗତ ଓ ହସ୍ତଶିଳ୍ପରେ ଶିକ୍ଷାଦାନ କରିବା ପରିବର୍ତ୍ତେ ଏହି ମାଧ୍ୟମରେ ପୂର୍ଣ୍ଣ ଶିକ୍ଷା ପ୍ରଦାନ କରାଯିବା ଉଚିତ ବୋଲି ମୁଁ ବିଶ୍ୱାସ କରେ । ଉଦାହରଣସ୍ୱରୂପ, କେବଳ ବୁଣାବୁଣି କରିବା ଛୁଂଚିର ଉଦାହରଣ ନିଆଯାଉ । ବୁଣାବୁଣି ଛୁଂଚିରୁ ସେମାନେ କ'ଣ ଶିକ୍ଷାଲାଭ କରିବେ, ସେମାନେ ସୂତାର ଇତିହାସ, ଲାଙ୍କାସାୟାର ଏବଂ ପୂରା ବ୍ରିଟିଶ ସାମ୍ରାଜ୍ୟ ବିଷୟରେ ଜାଣିବାକୁ ସକ୍ଷମ ହେବେ…..ମାତ୍ର ଏହି ବୁଣାବୁଣି ଛୁଂଚି କିପରି କାର୍ଯ୍ୟ କରେ ? ଏହାର ବ୍ୟବହାର କ'ଣ ? କେଉଁ ଶକ୍ତି ଏହା ଭିତରେ କାର୍ଯ୍ୟ କରୁଛି ? କାର୍ଯ୍ୟ ସମ୍ପାଦନ ବେଳେ ହିଁ ପିଲାମାନେ ଏହାକୁ ଜାଣି ପାରିବେ । ସେମାନେ ଯେତେବେଳେ ପ୍ରଶ୍ନ କରିବେ ଯେ କେତେପରିମାଣର ସୂତା ଏହି ଛୁଂଚି ଚାରିପଟେ ଗୁଡ଼ାଯାଇଛି ଏବଂ କେତେ ଥର ଏହି ଛୁଂଚି ଘୁରୁଛି ଜରିଆରେ ସେମାନେ ମଧ୍ୟ ଗଣିତରୁ ସାମାନ୍ୟ କିଛି ଶିକ୍ଷାଲାଭ କରିବେ । ଏହି ପ୍ରକାରେ ସେମାନେ ପର୍ଯ୍ୟାୟକୁ ପର୍ଯ୍ୟାୟ ଗଣିତରେ ଦକ୍ଷ ହୋଇଯିବେ । ଏଥିରେ ସବୁଠାରୁ ଆକର୍ଷଣୀୟ କଥା ହେଲା ସେମାନଙ୍କର କୌଣସି ମାନସିକ ଚାପ ରହିବ ନାହିଁ ।"

**୧୯୩୭ ଅକ୍ଟୋବର ମାସରେ ୱାର୍ଦ୍ଧାରେ ଆୟୋଜିତ ଶିକ୍ଷା ସମ୍ମିଳନୀରେ ଗାନ୍ଧିଜୀ ପ୍ରଦାନ କରିଥିବା ବକ୍ତୃତାର କିୟଦଂଶ ।**

ଟିପ୍ପଣୀ

ଗାନ୍ଧିଜୀଙ୍କ ଉକ୍ତିରୁ ତୁମେ ସ୍ପଷ୍ଟ ହେବ ଯେ କର୍ମ ଶିକ୍ଷା ସଂକ୍ରାନ୍ତ କ୍ରିୟାକଳାପକୁ ପୃଥକ ଭାବରେ ନକରି ଏହାକୁ ଅନ୍ୟ ବିଷୟ ସହ ସମ୍ବନ୍ଧିତ କରି ଆୟୋଜନ କରାଯିବା ଉଚିତ । ନିମ୍ନରେ କର୍ମ ଶିକ୍ଷା ସମ୍ବନ୍ଧିତ କ୍ରିୟାକଳାପକୁ ଅନ୍ୟାନ୍ୟ ବିଷୟ ସହ ଯୋଡ଼ିବାର କିଛି ପ୍ରସ୍ତାବ ପ୍ରଦତ୍ତ ହୋଇଛି ।

### ୧୩.୭.୧ ଭାଷା

ଭାଷା ସମ୍ବନ୍ଧରେ ନିମ୍ନଲିଖିତ ବିନ୍ଦୁ/ଉକ୍ତିଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ-

-ସମ୍ପାଦିତ କାର୍ଯ୍ୟ ସଂକ୍ରାନ୍ତରେ ଲିଖିତ ଉପସ୍ଥାପନ

-ଉପଯୁକ୍ତ ଶବ୍ଦ ଓ ସରଳ ବାକ୍ୟ ବ୍ୟବହାର

-ବ୍ୟବସ୍ଥିତ ଭାବରେ ବିଚାର ଉପସ୍ଥାପନ

-ଯୋଗାଯୋଗ ପାଇଁ ବିକଳ୍ପ ତଥା ଅର୍ଥପୂର୍ଣ୍ଣ ଶିରୋନାମାର ପ୍ରସ୍ତାବ

-କ୍ଷୁଦ୍ର ଓ ସରଳ ବାକ୍ୟରେ ରିପୋର୍ଟ ପ୍ରସ୍ତୁତି

-ଅଭିଜ୍ଞତାକୁ ବ୍ୟବସ୍ଥିତ ଭାବରେ ଲେଖିବା

-ଶବ୍ଦଜ୍ଞାନ ସମୃଦ୍ଧିକରଣ

-ବିଷୟରେ ବ୍ୟାକରଣ ବା ବିଷୟଗତ ବ୍ୟାକରଣର ବ୍ୟବହାର

### ୧୩.୭.୨ ଗଣିତ

କର୍ମ ଶିକ୍ଷା ସମ୍ବନ୍ଧିତ କ୍ରିୟାକଳାପ ଗଣିତ ବିଷୟରେ ଜ୍ଞାନ ଅର୍ଜନରେ ସହାୟକ ହୋଇଥାଏ ।

୧-କଳାପଟା ରଙ୍ଗ କଲା ବେଳେ ଏଥିପ୍ରତି ଧ୍ୟାନ ଦିଅ -

-କ୍ଷେତ୍ରଫଳ, ଦୈର୍ଘ୍ୟ ଓ ପ୍ରସ୍ଥ ଅନୁସାରେ ବ୍ୟୟ

-ଆବଶ୍ୟକ ସମୟର ପୂର୍ବାନୁମାନ

-ମାନବ ସମ୍ବଳ/ଶ୍ରମିକ ବାବଦ ଖର୍ଚ୍ଚ (ବ୍ୟୟ)

୨-ବିଭିନ୍ନ ଜ୍ୟାମିତିକ କ୍ଷେତ୍ର ସଂକ୍ରାନ୍ତ ଜ୍ଞାନ

୩-ଏକ ବସ୍ତୁ ତିଆରି କରିବା ପରେ ତାହାର ମୂଲ୍ୟ ନିର୍ଦ୍ଧାରଣ କରିବା

୪-ପରିମାପ ଦକ୍ଷତା

୫-ସଂଖ୍ୟା ସମ୍ପର୍କିତ ଜ୍ଞାନ ଲାଭ

୬-ପରିମାପ ଏକକଗୁଡ଼ିକ ବୁଝିବା ଓ ଏହାକୁ ପରସ୍ପର ମଧ୍ୟରେ ପରିବର୍ତ୍ତନ କରିବାକୁ ସକ୍ଷମ ହେବା

୭-ସୁଧ, ମୂଳ ଧନ ବିଷୟରେ ଧାରଣାପ୍ରାପ୍ତ ହେବା

ଟିପ୍ପଣୀ

୧୩.୭.୩ **ପରିବେଶ ଅଧ୍ୟୟନ, ସାମାଜିକ ବିଜ୍ଞାନ ଓ ଇତିହାସ**

ପ୍ରତ୍ୟେକ କର୍ମ ଓ ପଦ୍ଧତିର ଏକ ବୃହତ୍ ଇତିହାସ ରହିଛି । ସେହି କର୍ମର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଜ୍ଞାନଲାଭ କେବଳ ଅବଲୋକନ ଦ୍ୱାରା ହାସଲ ଜ୍ଞାନଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ଅଟେ । କର୍ମ ଶିକ୍ଷା ଅଧୀନରେ ସମ୍ପାଦିତ ହେଉଥିବା କ୍ରିୟାକଳାପ ସାମାଜିକ, ସାଂସ୍କୃତିକ ଓ ଐତିହାସିକ ବିଷୟରେ ସୂକ୍ଷ୍ମାତିସୂକ୍ଷ୍ମ ଓ ଗଭୀରଭାବେ ବୁଝିବା ବିକଶିତ କରାଏ । ଉଦାହରଣ ସ୍ୱରୂପ-

-କୃଷିକାର୍ଯ୍ୟରେ ନିୟୋଜିତ ଲୋକଙ୍କ ଜୀବନଶୈଳୀକୁ ବୁଝିବା

-ଚାହିଦା ଓ ଯୋଗାଣ ମଧ୍ୟରେ ସମ୍ପର୍କକୁ ବୁଝିବା

-ମଣିଷ ଏବଂ ପ୍ରାଣୀଙ୍କ ଜୀବନ ମଧ୍ୟରେ ସମ୍ପର୍କ

-ଶିଳ୍ପ ଓ ପରିବେଶ

-ବସ୍ତୁ ନିର୍ମାଣରେ ଶ୍ରମର ଗୁରୁତ୍ୱ

-ମୂଲ୍ୟ ନିର୍ଦ୍ଧାରଣ

-ଜାତି ଓ ଧର୍ମ

କର୍ମ ସମ୍ପାଦନ ସମୟରେ ବୈଜ୍ଞାନିକ ନିୟମାବଳୀକୁ ମଧ୍ୟ ବୁଝିହେବ । ଉଦାହରଣ ସ୍ୱରୂପ ପୁଲି କିପରି କାର୍ଯ୍ୟ କରିଥାଏ ? ଉତ୍ତୋଳକ ଓ ଧାରକର ସିଦ୍ଧାନ୍ତଗୁଡ଼ିକ କ'ଣ ? ଡାଲି ଜାତୀୟ ଶସ୍ୟକୁ ଛାଣି ରାନ୍ଧିବାର ଉପକାରିତା କ'ଣ ? ସନ୍ତୁଳିତ ଆହାର କହିଲେ କ'ଣ ବୁଝ ?

ଏଠାରେ ମାତ୍ର କେତେକ ବିନ୍ଦୁ/ଉକ୍ତି ପ୍ରଦତ୍ତ ହୋଇଛି । ଏକ ସମୂହରେ ତୁମେ ଏହି ପ୍ରକାରର ଅନେକ ସିଦ୍ଧାନ୍ତର ତାଲିକା ପ୍ରସ୍ତୁତ କରିପାରିବ; ଯାହା କର୍ମ ଶିକ୍ଷା ଜରିଆରେ ବୁଝିହୋଇଥାଏ ।

**ନିଜ ଅଗ୍ରଗତି ଆକଳନ -୮**

୧- ପାଠ୍ୟକ୍ରମରେ ତକିଲି କାର୍ଯ୍ୟ ଜରିଆରେ କେଉଁ ପ୍ରକାର ବିନ୍ଦୁକୁ ବୁଝିହେବ ?

-----------------------------------------------------------------------

-----------------------------------------------------------------------

-----------------------------------------------------------------------

-----------------------------------------------------------------------

୨- କର୍ମ ଶିକ୍ଷା ଅନ୍ତର୍ଗତ ଯେକୌଣସି କ୍ରିୟାକଳାପ ଜରିଆରେ ହାସଲ ହେଉଥିବା ଭାଷା ସମ୍ବନ୍ଧିତ ଯେକୌଣସି ଚାରିଟି କୌଶଳର ପ୍ରସ୍ତାବ ରଖ ।

-----------------------------------------------------------------------

-----------------------------------------------------------------------

-----------------------------------------------------------------------

-----------------------------------------------------------------------

୧୩.୮. **କର୍ମ ଶିକ୍ଷା ସମ୍ବନ୍ଧିତ ଶିକ୍ଷାଦାନ ଶିକ୍ଷଣ ପଦ୍ଧତି**

କର୍ମ ଶିକ୍ଷା ପାଇଁ କ୍ରିୟାକଳାପ ଆୟୋଜନର ପଦ୍ଧତିଗୁଡ଼ିକ କ'ଣ ବା ବିଭିନ୍ନ କାରକ ଆଧାରରେ କ'ଣ ସବୁ ପଦ୍ଧତି

ରହିବା ଆବଶ୍ୟକ । ଏହି ସବୁ ନିର୍ଦ୍ଧାରଣକାରୀ କାରକଗୁଡ଼ିକରେ ନିମ୍ନଲିଖିତ ବିନ୍ଦୁଗୁଡ଼ିକ ଅନ୍ତର୍ଭୁକ୍ତ:-

-କର୍ମାନୁଭୁତିର ପ୍ରକାର ଓ କ୍ରିୟାକଳାପ ବିଷୟରେ ଆମର ଧାରଣା କ'ଣ ?

-ଆମ ମତରେ ପିଲାମାନେ କିପରି ଭାବରେ ଆଚରଣ କରନ୍ତି, ସେମାନେ କିପରି ଶିକ୍ଷା କରନ୍ତି ଏବଂ ଆଚରଣର ପନ୍ଥା ବିକଶିତ କରନ୍ତି ।

-କାର୍ଯ୍ୟ ସମ୍ପାଦନ ବା ସର୍ବାଧିକ ବ୍ୟକ୍ତିଗତ ଅଭିଜ୍ଞତା ହାସଲ ନିମନ୍ତେ ପ୍ରତ୍ୟେକ ପିଲାଙ୍କୁ ସୁଯୋଗ ପ୍ରଦାନ ବିଷୟରେ ଆମ ମୂଲ୍ୟବୋଧଗୁଡ଼ିକ କ'ଣ ?

-ଉପରଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର କର୍ମ ଶିକ୍ଷାର ପଦ୍ଧତିଗୁଡ଼ିକର ପ୍ରକାର ନିର୍ଦ୍ଧାରଣ କରିବାରେ ତୁମକୁ ସାହାଯ୍ୟ କରିବ । ତୁମେ ଭଲ ଭାବରେ ଜାଣିଛ ଯେ ପିଲାମାନଙ୍କୁ କର୍ମ ଶିକ୍ଷା ଅଧୀନରେ କାର୍ଯ୍ୟ ସମ୍ପାଦନ କରି ଶିକ୍ଷାଲାଭ କରିବାକୁ ସୁଯୋଗ ପ୍ରଦାନ କରାଯାଏ; ମାତ୍ର ସେମାନେ ଯେତେପର୍ଯ୍ୟନ୍ତ ସେହି କାର୍ଯ୍ୟକୁ ନିଜେ ନକରିଛନ୍ତି, ସେତେପର୍ଯ୍ୟନ୍ତ କୌଣସି ଅଭିଜ୍ଞତା ହାସଲ କରିପାରିବେ ନାହିଁ । ତେଣୁ, କର୍ମ ଅଭିଜ୍ଞତା ଆଧାରିତ ପଦ୍ଧତିରେ ପିଲାମାନଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । କର୍ମ ଅଭିଜ୍ଞତା ଆଧାରିତ କେତେକ ପଦ୍ଧତି ନିମ୍ନରେ ପ୍ରଦାନ କରାଗଲା ।

### ୧୩.୮.୧ **ପର୍ଯ୍ୟବେକ୍ଷଣ ପଦ୍ଧତି**

ଆମେ ସମସ୍ତେ ଜାଣୁ ଯେ ଖୋଜିବା(ଆବିଷ୍କାର) ପ୍ରବୃତ୍ତି ପ୍ରତ୍ୟେକ ପିଲାଙ୍କର ରହିଛି । ସେମାନଙ୍କ ପ୍ରକୃତି କୌତୁହଳପୂର୍ଣ୍ଣ । ସେମାନେ ସର୍ବଦା ସେମାନଙ୍କ ଚର୍ତୁପାର୍ଶ୍ୱରେ ସଂଘଟିତ ଘଟଣାବଳୀ ବିଷୟରେ ଜାଣିବାକୁ ଅନୁସନ୍ଧିତ୍ସୁ । ସେମାନେ ଭାବନ୍ତି ସେମାନେ ସବୁ କିଛି ଜାଣିବା ଉଚିତ । କର୍ମ ଅଭିଜ୍ଞତାର ପର୍ଯ୍ୟବେକ୍ଷଣ ପଦ୍ଧତି ଏହି ଅଭିସନ୍ଧିତ୍ସୁ ପ୍ରବୃତ୍ତି ଆଧାରିତ ଅଟେ । ଆମେ ଏହି ପଦ୍ଧତିକୁ ଦୁଇଟି ଉପାୟରେ ବ୍ୟବହାର କରିପାରିବା:

୧-ଯେକୌଣସି ଘଟଣା, ବସ୍ତୁ ବା ସାମାଜିକ-ସାଂସ୍କୃତିକ ଘଟଣାକୁ ପର୍ଯ୍ୟବେକ୍ଷଣ କରିବାକୁ ଏବଂ ସେମାନଙ୍କ ଜ୍ଞାନ ଓ ବୁଝିବାଶକ୍ତି ବିକଶିତ କରିବାକୁ ଆମେ ପିଲାମାନଙ୍କୁ କହିବା ।

୨-ସେମାନେ ମଧ୍ୟ ସାମାଜିକ ପରିବେଶ ଓ କର୍ମସ୍ଥଳୀରେ ଅର୍ଥନୈତିକ କ୍ରିୟାକଳାପକୁ ପର୍ଯ୍ୟବେକ୍ଷଣ କରି ଅଭିଜ୍ଞତା ଅର୍ଜନ କରିପାରିବେ ।

ସାମାଜିକ-ସାଂସ୍କୃତିକ ଘଟଣାବଳୀ କ୍ଷେତ୍ରରେ ପିଲାମାନଙ୍କୁ କୌଣସି ଉପଦେଶ ଦିଆଯାଇନଥାଏ ବରଂ ପର୍ଯ୍ୟବେକ୍ଷଣ କରାଯାଇଥିବା ଘଟଣା ଓ କ୍ରିୟାକଳାପକୁ ଶ୍ରେଣୀକକ୍ଷରେ ବର୍ଣ୍ଣନା କରାଯାଏ ଏବଂ ତତ୍ପରେ ପିଲାମାନେ ସେମାନଙ୍କ ମତାମତ ଦେଇଥାନ୍ତି । କେଉଁପ୍ରକାର ଘଟଣାର ପର୍ଯ୍ୟବେକ୍ଷଣକୁ କର୍ମ ଶିକ୍ଷାରେ ଏକ ଉପଯୁକ୍ତ ସ୍ଥାନ ପ୍ରଦାନ କରାଯିବ ? ଜୀବନ ସମ୍ପର୍କିତ ପ୍ରତ୍ୟେକ ଘଟଣା କର୍ମ ଶିକ୍ଷାର ଏକ ବିଷୟ ହୋଇଥିବାରୁ ଏହି ପ୍ରଶ୍ନ ଅଯୌକ୍ତିକର ମନେହୁଏ ।

### **୧୩.୮.୨ ପ୍ରଦର୍ଶନ ପଦ୍ଧତି**

ପିଲାମାନେ କିପରି ଭାବରେ ଆଚରଣର ତରିକା ଶିକ୍ଷା କରନ୍ତି ? ଏହି ପ୍ରଶ୍ନର ଏକ ସରଳ ଉତ୍ତର ହେଲା-ସେମାନେ ସେମାନଙ୍କର ପର୍ଯ୍ୟବେକ୍ଷଣୀୟ ଶକ୍ତି ଦ୍ୱାରା ସେମାନଙ୍କ ବରିଷ୍ଠଙ୍କଠାରୁ ଯାହା ଶିଖନ୍ତି ବା ପର୍ଯ୍ୟବେକ୍ଷଣ କରନ୍ତି ସେହି ସମାନ କାର୍ଯ୍ୟ କରିଥାନ୍ତି । କେବଳ ବରିଷ୍ଠ କାହିଁକି, ସେମାନେ ସେମାନଙ୍କ ସହଯୋଗୀ ଯାହା କରନ୍ତି ପର୍ଯ୍ୟବେକ୍ଷଣ କରି ନିଜର ଦୈନନ୍ଦିନ ସାରଣୀରେ ତାହାକୁ ସାମିଲ କରିବାକୁ ପ୍ରଚେଷ୍ଟା କରିଥାନ୍ତି ।

ଉପରଲିଖିତ ବିନ୍ଦୁ ପ୍ରତି ଧ୍ୟାନ ଦିଅ । 'ଯାହାକିଛି ସେମାନେ ପର୍ଯ୍ୟବେକ୍ଷଣ କରନ୍ତି'- ଏହାର ଅର୍ଥ ଯାହା କିଛି ପ୍ରଦର୍ଶିତ ହୁଏ, ସେମାନେ ଶିକ୍ଷା କରିବାକୁ ଚେଷ୍ଟା କରନ୍ତି ।

କର୍ମ ଶିକ୍ଷାର ଏହି ପଦ୍ଧତି ସାଧାରଣରୁ ନିର୍ଦ୍ଦିଷ୍ଟ ଦିଗରେ ପରିବ୍ୟାପ୍ତ । ଏହାର ଅର୍ଥ ହେଲା, ଏକ ନିର୍ଦ୍ଦିଷ୍ଟ କ୍ରିୟାକଳାପର

କାର୍ଯ୍ୟପଦ୍ଧତି ଶିକ୍ଷାର୍ଥୀଙ୍କ ସମ୍ମୁଖରେ ପ୍ରଦର୍ଶନ କରାଯାଏ । କ୍ରିୟାକଳାପର ପ୍ରଦର୍ଶନ ସହିତ ସେହି କ୍ରିୟାକଳାପ ସମ୍ବନ୍ଧିତ ନିୟମର ବୈଧତା ମଧ୍ୟ ଉଦାହରଣ ଜରିଆରେ ପ୍ରମାଣିତ କରାଯାଏ । ଏହି ପଦ୍ଧତିକୁ ଅନୁସରଣ କରିବା ପାଇଁ ଦୟାପୂର୍ବକ ନିମ୍ନଲିଖିତ ସୋପାନଗୁଡ଼ିକୁ ପର୍ଯ୍ୟବେକ୍ଷଣ କର:-

-ନିୟମାବଳୀ ସହ କାର୍ଯ୍ୟପଦ୍ଧତିର ପ୍ରଦର୍ଶନ-ଅଭିଳାଷିତ ନିୟମକୁ ଯୁକ୍ତିସଂଗତ ଭାବରେ ପର୍ଯ୍ୟାଲୋଚନା (ସମୀକ୍ଷା) କରାଯାଏ ଏବଂ ପିଲାମାନଙ୍କ ମାନସିକ ଦକ୍ଷତା ଅନୁଯାୟୀ ଉପଯୁକ୍ତ ଅନୁକ୍ରମରେ ଉପସ୍ଥାପନ କରାଯାଏ ।

-କାର୍ଯ୍ୟପଦ୍ଧତି ସମ୍ପର୍କିତ ନିୟମଗୁଡ଼ିକ ମଧ୍ୟରେ ସମ୍ବନ୍ଧ ପ୍ରତିଷ୍ଠା କରିବା-ନିୟମ ଉପସ୍ଥାପନ ପରେ, ସେଗୁଡ଼ିକ ମଧ୍ୟରେ ତର୍କସଂଗତ ସମ୍ପର୍କ ସ୍ଥାପିତ ହୋଇଥାଏ । ଏହାକୁ ସମୀକ୍ଷଣ ବା ପର୍ଯ୍ୟାଲୋଚନା ପ୍ରକ୍ରିୟା କୁହାଯାଏ । ଏହା କାହିଁକି କରାଯାଏ ? ଏବଂ ପରବର୍ତ୍ତୀ ନିୟମଗୁଡ଼ିକ କାହିଁକି ପ୍ରୟୋଗ କରାଯାଏ ?

-ଉଦାହରଣ ଜରିଆରେ ଯଥାର୍ଥତା ପ୍ରତିପାଦନ-ଏହି ସୋପାନ ତର୍କସଂଗତ ପଦ୍ଧତି ପାଇଁ ଆବଶ୍ୟକ । ତୁମେ ଏକ ପାତ୍ରରେ ଚାରା ରୋପଣ କରିବାର ପ୍ରକ୍ରିୟା ପ୍ରଦର୍ଶନ କରୁଛ । କିପରି ମାଟିକୁ ଗୁଣ୍ଡ କରାଯାଏ ତୁମେ ପ୍ରଦର୍ଶନ କରୁଛ, ଏହା କାହିଁକି ଆବଶ୍ୟକ ତୁମେ ପ୍ରଶ୍ନ କରୁଛ । ସେହି ଏକା ସମୟରେ ତୁମେ ତୁମ ଅଭିଜ୍ଞତା ଆଧାରରେ ସେମାନଙ୍କୁ ଉଦାହରଣ ଦେଉଛ ।

### ୧୩.୮.୩ ବ୍ୟାବହାରିକ ପଦ୍ଧତି

ଏହି ପଦ୍ଧତିରେ ଶିକ୍ଷାର୍ଥୀ ବ୍ୟାବହାରିକ ଢଙ୍ଗରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରନ୍ତି । ଏହି ପଦ୍ଧତି ଜରିଆରେ ନୂତନ ପରିସ୍ଥିତିରେ ଏବଂ ପ୍ରାକ୍ ଅଭିଜ୍ଞତା ଆଧାରରେ ସମ୍ପାଦନ ଜରିଆରେ ଶିକ୍ଷଣ ସିଦ୍ଧାନ୍ତକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଅଭ୍ୟାସ ବେଳେ ସମସ୍ତ ସମ୍ବେଦୀ ଓ ଚଳନ ଇନ୍ଦ୍ରିୟ ସକ୍ରିୟ ହୋଇଥାଏ । ଛାତ୍ରଛାତ୍ରୀମାନେ ଜଣେ ଗବେଷକ ସଦୃଶ କାର୍ଯ୍ୟ କରନ୍ତି, କାରଣ କାର୍ଯ୍ୟ ସମ୍ପାଦନ ଦ୍ୱାରା ଶିକ୍ଷଣ ବ୍ୟାବହାରିକ ପଦ୍ଧତିରେ ଗୁରୁତ୍ୱପୂର୍ଣ୍ଣ । ଏହି ପଦ୍ଧତିର କେତେକ ମୌଳିକ ସିଦ୍ଧାନ୍ତ ନିମ୍ନରେ ପ୍ରଦାନ କରାଗଲା-

-କାର୍ଯ୍ୟ ସମ୍ପାଦନ ଦ୍ୱାରା ଶିକ୍ଷଣ- ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ପିଲାମାନେ ମୁଖ୍ୟ ଭୂମିକା ତୁଲାଇଥାନ୍ତି । ସେମାନଙ୍କୁ ସୂଚନା ପ୍ରଦାନ କରାଯାଇଥାଏ ଯାହା ଆଗ୍ରହ ସୃଷ୍ଟି କରାଏ ଏବଂ ସେମାନଙ୍କୁ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ପ୍ରୋତ୍ସାହିତ କରେ । ଅବଶିଷ୍ଟକୁ ସେମାନେ ନିଜେ ନିଜସ୍ୱ ଉଦ୍ୟମରେ ଆବିଷ୍କାର କରିଥାନ୍ତି ।

-ଛାତ୍ରଛାତ୍ରୀଙ୍କ ସକ୍ରିୟତା-ବିଦ୍ୟାର୍ଥୀମାନେ ସମ୍ପାଦନ ଜରିଆରେ ଶିକ୍ଷାଲାଭ କରୁଥିବାରୁ ସେମାନଙ୍କ ସକ୍ରିୟତା ସମ୍ମୁଖକୁ ଆସେ ମାତ୍ର ସେମାନେ ନିଷ୍କ୍ରିୟ ରହିଲେ କୌଣସି ତତ୍ତ୍ୱ ବା ନୂତନ ଆବିଷ୍କାର ବା ସମସ୍ୟାର ସମାଧାନ କରିପାରନ୍ତି ନାହିଁ ।

-ମନୋବୈଜ୍ଞାନିକ- ଏହି ପଦ୍ଧତିରେ ଛାତ୍ରଛାତ୍ରୀ ସେମାନଙ୍କ ପସନ୍ଦ, କୌତୁହଳ, ଆବଶ୍ୟକତା, ଆଗ୍ରହ ଏବଂ ସ୍ୱାଭାବିକ କାର୍ଯ୍ୟ ଶୈଳୀ ଅନୁସାରେ କାର୍ଯ୍ୟ କରନ୍ତି । ସେମାନେ ସେମାନଙ୍କର ପୂର୍ବ ଅଭିଜ୍ଞତାରୁ ଲାଭବାନ ହୋଇଥାନ୍ତି ।

-ବୈଜ୍ଞାନିକ ବା ବିଜ୍ଞାନସମ୍ମତ- ପିଲାମାନେ ପ୍ରତ୍ୟେକ ସୋପାନରେ 'କାହିଁକି' ପ୍ରଶ୍ନ ଜରିଆରେ ସେମାନଙ୍କ ଉତ୍ତର ଖୋଜିଥାନ୍ତି । ସେମାନେ ବ୍ୟବସ୍ଥିତ ଭାବରେ କାର୍ଯ୍ୟ କରନ୍ତି, ତେଣୁ ସେମାନଙ୍କ ମଧ୍ୟରେ ବିଜ୍ଞାନସମ୍ମତ ପ୍ରସ୍ତୁତିର ଦକ୍ଷତା ବିକଶିତ ହୋଇଥାଏ । ସେମାନେ ନିଜକୁ ଜଣେ ଆବିଷ୍କାରକ ଭାବରେ ସିଦ୍ଧାନ୍ତ, ନିୟମ ଓ ଭିତ୍ତିଭୂମିକୁ ପରୀକ୍ଷଣ କରନ୍ତି । ସେମାନେ ପ୍ରକୃତ ତଥ୍ୟ ଚିହ୍ନଟ ପାଇଁ ନିର୍ଦ୍ଦିଷ୍ଟ ସତର୍କତା, ପର୍ଯ୍ୟବେକ୍ଷଣ ଶକ୍ତି ହାସଲ କରିପାରନ୍ତି ।

### ୧୩.୮.୪ ପ୍ରକଳ୍ପ ପଦ୍ଧତି

ଏହି ପଦ୍ଧତିରେ କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ କର୍ମ ଶିକ୍ଷାର ପ୍ରକୃତ ସ୍ୱରୂପ ଜାଣିବାକୁ ଚେଷ୍ଟା କରିବା ପୂର୍ବରୁ ପିଲାମାନେ ଏହାର ଉଦ୍ଦେଶ୍ୟ, ଯୋଜନା ପ୍ରସ୍ତୁତି, ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ସମ୍ବଳ ସଂଗ୍ରହ, କାର୍ଯ୍ୟ ସମ୍ପାଦନ

ପାଇଁ କେତେ ସମୟ ଲାଗିବ ଏବଂ କେଉଁ କୌଶଳ ଗ୍ରହଣ କରାଯିବ ନିଜେନିଜେ ନିଷ୍ପତ୍ତି ନେଇଥାନ୍ତି । ଆମେ ପ୍ରକଳ୍ପର ସଂଜ୍ଞା ବିଷୟରେ ଆଲୋଚନା କରିବା ।

"ପ୍ରକଳ୍ପ ପଦ୍ଧତି ସାମାଜିକ ପରିବେଶରେ ପୂର୍ଣ୍ଣ ସମ୍ପୃକ୍ତି ସହ ସମ୍ପାଦନ କରାଯାଉଥିବା ଏକ ଉଦ୍ଦେଶ୍ୟମୂଳକ କ୍ରିୟାକଳାପ ଅଟେ"-କିଲ୍‌ପାଟ୍ରିକ୍

"ପ୍ରକଳ୍ପ ପଦ୍ଧତି ଏପରି ଏକ ସମସ୍ୟାଦାୟକ ପ୍ରକ୍ରିୟା; ଯାହା ପ୍ରାକୃତିକ ପରିବେଶରେ ସମ୍ପନ୍ନ ହୋଇଥାଏ ।"-ଜେ.ଏ. ଷ୍ଟିଭେନ୍‌ସନ୍

ଶିକ୍ଷା ସମ୍ବନ୍ଧିତ ସ୍ୱତନ୍ତ୍ର କାର୍ଯ୍ୟ ଅଭିଜ୍ଞତାକୁ ଭେସ୍‌ଲ ନିମ୍ନ ପ୍ରକାରେ ବର୍ଣ୍ଣନା କରିଛନ୍ତି:-

"ପ୍ରକଳ୍ପଗୁଡ଼ିକ ହେଲା କ୍ରିୟାକଳାପ ଶିକ୍ଷଣ ନିମନ୍ତେ ପ୍ରାକୃତିକ ପରିବେଶରେ କେତେକ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ଜରିଆରେ ସମ୍ପାଦିତ ହେଉଥିବା ସମନ୍ୱିତ କ୍ରିୟାକଳାପ ।"

ସବୁ ବିଶେଷଜ୍ଞ ସେମାନଙ୍କ ନିଜସ୍ୱ ମତାମତ ଅନୁସାରେ ସଂଜ୍ଞା ନିରୂପଣ କରିଛନ୍ତି ସତ, ମାତ୍ର ସମସ୍ତେ ପ୍ରକଳ୍ପ ପଦ୍ଧତିର ଏକକ ପ୍ରଣାଳୀ ଆଡକୁ ନିର୍ଦ୍ଦେଶନ କରିଛନ୍ତି ।

-ପ୍ରତ୍ୟେକ ପ୍ରକଳ୍ପ ପଦ୍ଧତି ସ୍ୱତନ୍ତ୍ର ଉଦ୍ଦେଶ୍ୟ ହାସଲ ପାଇଁ ବ୍ୟବହୃତ ହୋଇଥାଏ ।

-ଛାତ୍ରଛାତ୍ରୀଙ୍କ ସାମାଜିକ, ସାଂସ୍କୃତିକ ଜୀବନ, ସେମାନଙ୍କ ବ୍ୟକ୍ତିଗତ ବିକାଶ, ସମାଜ ଅନୁମୋଦିତ ଅଭ୍ୟାସ ଓ ଆଚରଣ ଏବଂ ବିଶ୍ୱାସର ବିକାଶ ଇତ୍ୟାଦିକୁ ଦୃଷ୍ଟିରେ ରଖି ଉଦ୍ଦେଶ୍ୟଗୁଡ଼ିକ ପ୍ରସ୍ତୁତ କରାଯାଇଥାଏ ।

-ଉଦ୍ଦେଶ୍ୟ ଆଧାରରେ ବିଭିନ୍ନ ପ୍ରକାର କ୍ରିୟାକଳାପ ଆୟୋଜିତ ହୋଇଥାଏ ।

-ଛାତ୍ରଛାତ୍ରୀମାନେ ସେମାନଙ୍କ ବାସ୍ତବ ସାମାଜିକ ପରିବେଶରେ ଏହିସବୁ କ୍ରିୟାକଳାପକୁ ସମ୍ପାଦିତ କରିଥାନ୍ତି

-କାର୍ଯ୍ୟ ସମୟରେ ସେମାନଙ୍କର ସାମାଜ ଅନୁମୋଦିତ ମୂଲ୍ୟବୋଧର ବିକାଶ ହୋଇଥାଏ ।

-କାର୍ଯ୍ୟ ସମ୍ପାଦନ ପରେ ସେମାନଙ୍କର ନିର୍ଦ୍ଦିଷ୍ଟ ମନୋଭାବ ଓ ଦକ୍ଷତା ବିକଶିତ ହୋଇଥାଏ ।

କର୍ମ ଶିକ୍ଷାର ଶିକ୍ଷଣ ପ୍ରକ୍ରିୟାରେ ଚାରିଟି ପର୍ଯ୍ୟାୟ/ସ୍ତର ରହିଛି । ସେଗୁଡ଼ିକ ହେଲା-

-ଲକ୍ଷ୍ୟ ଧାର୍ଯ୍ୟ କରିବା

-ଯୋଜନା ପ୍ରସ୍ତୁତ କରିବା

-ଯୋଜନାକୁ କାର୍ଯ୍ୟକ୍ଷମ କରିବା

-ମୂଲ୍ୟାୟନ

ମୂଲ୍ୟାୟନ ଶେଷ ପର୍ଯ୍ୟାୟ ବୋଲି ଲିଖିତ ହୋଇଥିଲେ ମଧ୍ୟ ଏହା ଲକ୍ଷ୍ୟ ଧାର୍ଯ୍ୟ କରିବା ସମୟରେ ଆରମ୍ଭ ହୋଇଥାଏ । ଲକ୍ଷ୍ୟ ଧାର୍ଯ୍ୟ ପ୍ରକ୍ରିୟାର ମଧ୍ୟ ମୂଲ୍ୟାୟନ କରାଯାଇପାରେ ।

### **୧୩.୮.୫ ପରିଭ୍ରମଣ ପଦ୍ଧତି**

ଶ୍ରେଣୀକକ୍ଷର ଚାରିକାନ୍ଥ ମଧ୍ୟରେ ପ୍ରଦାନ କରାଯାଉଥିବା ପୁସ୍ତକଗତ ଜ୍ଞାନରେ ସମୃଦ୍ଧ ଛାତ୍ରଛାତ୍ରୀଙ୍କ ସ୍ଥିତି କୂଅକୁ ସମୁଦ୍ର ବିବେଚନା କରୁଥିବା ବେଙ୍ଗ ସଦୃଶ ଅଟେ । ବାସ୍ତବରେ ପରିଭ୍ରମଣ ଶିକ୍ଷାଦାନର ଏକ ଆଶ୍ଚର୍ଯ୍ୟଜନକ ପଦ୍ଧତି । କର୍ମ ଶିକ୍ଷା ଶିକ୍ଷାଦାନ ଶିକ୍ଷଣରେ ପରିଭ୍ରମଣ ପଦ୍ଧତିର ଅନେକ ସୁଗୁଣ ରହିଛି-

ଟିପ୍ପଣୀ

-ଶ୍ରେଣୀକକ୍ଷରେ ପିରିୟଡ଼ ଆକାରରେ ପାଠପଢ଼ା ପ୍ରଣାଳୀ ନିରସ ଓ ବିରକ୍ତିକର । ପରିଭ୍ରମଣ ପଦ୍ଧତି ଏହି ମର୍ମରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିପାରେ ।

-ବିଷୟର ବ୍ୟାବହାରିକ ଜ୍ଞାନଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ; ଯାହା ଶ୍ରେଣୀକକ୍ଷରେ ଆଲୋଚନା କରାଯାଇଥାଏ । ପରିଭ୍ରମଣ ପଦ୍ଧତି ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଏ ।

-ଯାତ୍ରା ସମୟରେ ଛାତ୍ରଛାତ୍ରୀଙ୍କ ପର୍ଯ୍ୟବେକ୍ଷଣ କ୍ଷମତା ବିକଶିତ ହୋଇଥାଏ । ସେମାନେ ବାସ୍ତବରେ କାର୍ଯ୍ୟ ସମ୍ପାଦନ ଅବଲୋକନ (ପର୍ଯ୍ୟବେକ୍ଷଣ) କରନ୍ତି । ସେମାନେ ବସ୍ତୁକୁ ବାସ୍ତବ ସ୍ଥିତିରେ ପର୍ଯ୍ୟବେକ୍ଷଣ ମଧ୍ୟ କରିଥାନ୍ତି ।

-ପରିଭ୍ରମଣ ଜରିଆରେ ଜ୍ଞାନଲାଭ ସ୍ଥାୟୀ ଅଟେ । ଏଥିରେ ଶିକ୍ଷାର୍ଥୀଙ୍କ ସକ୍ରିୟ ଭାଗିଦାରୀ ନିହିତ ଥାଏ ।

-ଭ୍ରମଣ ସମୟରେ ପିଲାମାନେ ସମୂହରେ କାର୍ଯ୍ୟ କରିବାର ସୁଯୋଗଲାଭ କରନ୍ତି ।

-ଅନ୍ୟ ସ୍ଥାନରେ କିପରି ଆଚରଣ କରିବାକୁ ପଡ଼ିବ ଏବଂ ଅନ୍ୟ ଲୋକମାନଙ୍କ ସହ କିପରି ଭାବରେ ଯୋଗାଯୋଗ କରିବାକୁ ପଡ଼ିବ ଛାତ୍ରଛାତ୍ରୀମାନେ ପରିଭ୍ରମଣରୁ ବୁଝିପାରନ୍ତି ।

**ନିଜ ଅଗ୍ରଗତି ଆକଳନ -୯**

୧- କର୍ମ ଶିକ୍ଷାରେ ତୁମେ ଶିକ୍ଷାଦାନ ଶିକ୍ଷଣର କେଉଁସବୁ ପଦ୍ଧତିକୁ ବ୍ୟବହାର କରିବ ?

୨- କର୍ମ ଶିକ୍ଷାର ପ୍ରତ୍ୟେକ କ୍ଷେତ୍ରରେ ଅଷ୍ଟମ ଶ୍ରେଣୀ ପାଇଁ ଯେକୌଣସି ଦୁଇଟି କ୍ରିୟାକଳାପ ଲେଖ । ଏହାର ଅଭିଜ୍ଞତା ହାସଲ ନିମନ୍ତେ ଉପଯୁକ୍ତ ପଦ୍ଧତିର ପ୍ରସ୍ତାବ ରଖ ।

## ୧୩.୧୦ ସାରାଂଶ

କର୍ମ ଶିକ୍ଷାର କାର୍ଯ୍ୟକ୍ଷେତ୍ର ପ୍ରଶସ୍ତ କିମ୍ବା ଆମେ ଏପରି ମଧ୍ୟ କହିପାରିବା ଯେ ସମ୍ପୂର୍ଣ୍ଣ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ସ୍ଥିତି କର୍ମ ଶିକ୍ଷାର କ୍ଷେତ୍ର ଅଟନ୍ତି । ଏହି ଏକକ ଜରିଆରେ କର୍ମ ଶିକ୍ଷାକୁ କିପରି କ୍ରିୟାଶୀଳ କରାଯାଏ ତୁମେ ଜାଣିପାରିଲ । ଏହି ସବୁ କ୍ରିୟାକଳାପ ଆୟୋଜନ ବେଳେ କେଉଁ ସବୁ କ୍ଷେତ୍ର ମୁଖ୍ୟ ଆଧାର ହେବ, କିପରି ସାମଗ୍ରୀ ଓ ଉପକରଣ ପାଇପାରିବ ଏବଂ ସେସବୁର ରକ୍ଷଣାବେକ୍ଷଣ ଓ ମହଜୁଦୀକରଣ ମଧ୍ୟ ତୁମେ ଜାଣିଲ ।

ସମୂହ /ଦଳ ଗଠନରେ କ'ଣ ଆଧାର ହେବା ଉଚିତ ତୁମେ ମଧ୍ୟ ଜାଣିପାରିଲ । ବିଭିନ୍ନ ଶ୍ରେଣୀ ପାଇଁ ଭିନ୍ନଭିନ୍ନ କ୍ରିୟାକଳାପ ଆୟୋଜନ ସମ୍ପର୍କରେ ମଧ୍ୟ ଜାଣିଲ ।

ପାଠ୍ୟକ୍ରମରେ ବିଷୟ ସହିତ କର୍ମ ଶିକ୍ଷାକୁ କିପରି ଯୋଡ଼ାଯାଇ ପାରିବ ତୁମେ ମଧ୍ୟ ଜାଣି ପାରିଲ ।



ଟିପ୍ପଣୀ

## ୧୩.୧୧ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


1. National Curriculum Frame work (2005) National Council of Educational Research & Training, New Delhi.
2. Sharda Kumari (2005) Principles of Teaching Work Education, New Delhi.
3. Richards Glin (2001) Gandhi's Educational Philosophy, New Delhi, Oxford University Press.
4. Sykes Marjorie (1998( Story of New Education. 50 years of Education in Sevagram– 1937-1987, New Education committee, Sevagram, Wardha, Maharashtra.
5. Indian Government (1993) Learning without Barriers: Report of National Councill, Ministry of Human Resource Development, New Delhi.


## ୧୩.୧୨. ପାଠାନ୍ତ ପ୍ରଶ୍ନାବଳୀ

ଏହି ଏକକ ଆଧାରରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ-

୧- କର୍ମ ଶିକ୍ଷାର କ୍ରିୟାକଳାପଗୁଡ଼ିକ ପ୍ରସ୍ତାବନାମୂଳକ ଅଟନ୍ତି, ନୈଦାନିକ ନୁହଁନ୍ତି । ଏହି ମର୍ମରେ ଯେକୌଣସି ପାଂଚଟି କାରଣ/ବିନ୍ଦୁ/ଉକ୍ତି ଲେଖ ।

୨- ତୁମେ କର୍ମ ଶିକ୍ଷାର ଜଣେ ଭାରପ୍ରାପ୍ତ ଶିକ୍ଷକ । କ୍ରିୟାକଳାପ ନିମନ୍ତେ ତୁମେ କିପରି ଭାବରେ ସାମଗ୍ରୀ ପରିଚାଳନା କରିବ ?

୩- ଷଷ୍ଠ, ସପ୍ତମ, ଅଷ୍ଟମ ପ୍ରତ୍ୟେକ ଶ୍ରେଣୀ ପାଇଁ ପରିବେଶ ସୁରକ୍ଷା ସମ୍ପର୍କିତ ଯେକୌଣସି ଦୁଇଟି ଲେଖାଏଁ କ୍ରିୟାକଳାପର ଏକ ତାଲିକା ପ୍ରସ୍ତୁତ କର । ଶିକ୍ଷା ବର୍ଷର କେଉଁ ମାସରେ ତୁମେ ସେହିସବୁ କ୍ରିୟାକଳାପ ସମ୍ପାଦନ କରିବ ତାଲିକାରେ ମଧ୍ୟ ଉଲ୍ଲେଖ କର ।

୪- ପରିଭ୍ରମଣ (ଭ୍ରମଣ) କହିଲେ ତୁମେ କ'ଣ ବୁଝ ? ପରିଭ୍ରମଣ ପାଇଁ ଉପଯୁକ୍ତ ସ୍ଥାନର ଏକ ତାଲିକା ପ୍ରସ୍ତୁତ କର ।

୫- ପରିଭ୍ରମଣରେ ଯିବା ସମୟରେ ଏବଂ ପୂର୍ବରୁ କେଉଁସବୁ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁଗୁଡ଼ିକୁ ତୁମେ ଧ୍ୟାନ ଦେବା ଉଚିତ । ଉଦାହରଣ ସହ ବ୍ୟାଖ୍ୟା କର ।